

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୯ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 29 OCTOBER 2021

Vol.No. 32 ■ No. 275 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆହୁରି ଦଶ ବର୍ଷ ସରକାର ଗଢିବ ଦଳ

ଦଶନ୍ଧି ଦଶନ୍ଧି ଧରି ଜାତୀୟ ରାଜନୀତିରେ ରହିବ ବିଜେପିର ଦବଦବା

ଭୁବନେଶ୍ୱର,୨୮/୧୦(ନି.ପ୍ର): ଭାରତ ରାଜନୀତିର ବଡ଼ ଶକ୍ତି ବିଜେପି । ଆହୁରି ଦଶ ବର୍ଷ ସରକାର ଗଢିବ ଦଳ । ଏଭଳି ବୟାନ ଦେଇ ଚର୍ଚ୍ଚାକୁ ଆସିଛନ୍ତି ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର । ଗୋଆର ଏକ ମ୍ୟୁଜିୟମରେ ଆଲୋଚନା ସମୟରେ ଏଭଳି ସାଂଘାତିକ ବୟାନ ଦେଇଛନ୍ତି ପ୍ରଶାନ୍ତ କିଶୋର । ବିରୋଧିଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି ଏ ଧାରଣାରେ ନପଡନ୍ତୁ କି ଲୋକମାନେ ଭାଜପା ଉପରେ ରାଗିଛନ୍ତି ଆଉ ସେମାନେ ଭାଜପାକୁ ଶାସନ ବ୍ୟବସ୍ଥାରୁ ବାହର କରିଦେବେ । ହୁଏତ ମୋଦି ନିଜ ଦାୟିତ୍ୱରୁ ହଟିଯାଇପାରନ୍ତି କିନ୍ତୁ ବିଜେପି କେଉଁଆଡେ ଯାଉନାହିଁ ବୋଲି କହିଛନ୍ତି ପ୍ରଶାନ୍ତ କିଶୋର । ଆଗକୁ ଅନେକ ଦଶନ୍ଧି ଧରି ଭାଜପା ସହ ଲଢିବାକୁ ପଡିବ ବୋଲି ଚେତାଇ ଦେଇଛନ୍ତି ପ୍ରଶାନ୍ତ । କେବଳ ସେତିକି ନୁହେଁ ନିଜ ମନ୍ତବ୍ୟରେ ପ୍ରଶାନ୍ତ କିଶୋର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମଧ୍ୟ କଟାକ୍ଷ କରିଛନ୍ତି । ପୂର୍ବରୁ ଚର୍ଚ୍ଚା ହେଉଥିଲା ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗ ଦେଇ ପାରନ୍ତି । ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସହ ଗତ ମାସରେ ହୋଇଥିବା ତାଙ୍କ ବୈଠକ ପରେ ଏହି ଚର୍ଚ୍ଚା ଜୋର ଧରିଥିଲା । ହେଲେ ଏବେ ବିଜେପି ସପକ୍ଷରେ ଏଭଳି ମନ୍ତବ୍ୟ ଦେଇ ଏହି ଚର୍ଚ୍ଚା ଉପରେ ସେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଛନ୍ତି । ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରି କହିଛନ୍ତି ଯେ, ପର୍ଯ୍ୟନ୍ତ ମୋଦିଙ୍କ ଶକ୍ତିକୁ ନ ବୁଝିଛନ୍ତି ସେ ପର୍ଯ୍ୟନ୍ତ ତାଙ୍କୁ ହରାଇବା ସହଜ ନୁହେଁ । ଖାଲି ସେତିକି ନୁହେଁ ଯେମିତି କଂଗ୍ରେସ ୪୦ ବର୍ଷ ଧରି ଶାମନ ଭାରରେ ଥିଲା ଠିକ ସେହିପରି ଭାଜପା ମଧ୍ୟ ରହିବ ବୋଲି ପ୍ରଶାନ୍ତ କିଶୋର କହିଛନ୍ତି । ଭାରତୀୟ ରାଜନୀତିରେ ପ୍ରଶାନ୍ତ କିଶୋରଙ୍କ ର ନିର୍ବାଚନ ରଣନୀତୀକୁ ତୁଲାଇବାରେ ବେଶ ଅଭିଜ୍ଞତା ରହିଛି । ପ୍ରଶାନ୍ତଙ୍କ ଗୋଟି ଚାଳନାରେ ୨୦୧୪ରେ ଶାସନ ବ୍ୟବସ୍ଥାକୁ ଫେରିଥିଲା ଭାଜପା ଆଉ ପ୍ରଧାନମନ୍ତ୍ରୀ ହୋଇଥିଲେ ନରେନ୍ଦ୍ର ମୋଦି । ୨୦୧୮ରେ ବିହାର ନିର୍ବାଚନରେ ନିତିଶ କୁମାରଙ୍କ ଜନତା ଦଳ ପାଇଁ ରଣନୀତିକାର ସାଜିଥିଲେ ପ୍ରଶାନ୍ତ । ଏହାଛଡା ଅନେକ ବଡ ବଡ ରାଜନେତାଙ୍କ ବ୍ୟକ୍ତିଗତ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ଜାତୀୟ ରାଜନୀତିରେ ଏକ ବଡ ଭୂମିକା ତୁଲାଉଥିବା ପ୍ରଶାନ୍ତ କିଶୋରଙ୍କ ଏଭଳି ମନ୍ତବ୍ୟକୁ ନେଇ ଏବେ ସରଗରମ ହୋଇଉଠିଛି ଜାତୀୟ ରାଜନୀତି । ତେବେ ଦେଖିବାକୁ ରହିଲା ଆଗାମୀ ଦିନରେ ପିକେଙ୍କ ଭବିଷ୍ୟତବାଣୀ ଆଗାମୀ ଦିନରେ ଫଳପ୍ରଦ ହେଉଛି କି ନାହିଁ ।

ବହିଷ୍କୃତ କନଷ୍ଟେବଳ ପ୍ରସନ୍ନ କୁମାର ବେହେରାଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର,୨୮/୧୦ (ନି.ପ୍ର): କମିସନରେଟ୍ ପୁଲିସର ପୂର୍ବତନ କନଷ୍ଟେବଳ ପ୍ରସନ୍ନ କୁମାର ବେହେରାଙ୍କ କଳ୍ପନା ଛକସ୍ଥିତ ସରକାରୀ କ୍ୱାର୍ଟର ଓ ପୈତୃକ ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରା ଯାଇଛି । ଚଢାଉ ବେଳେ ପ୍ରସନ୍ନଙ୍କ ନାଁରେ ଆଖି ତରାଟିଲା ଭଳି ସମ୍ପତି ରହିଥିବା ସାମ୍ନାକୁ ଆସିଛି । ଡୁମଡୁମାରେ ପ୍ରସନ୍ନଙ୍କ ଫର୍ଣ୍ଣିଚର ଶୋ' ରୁମର ମୂଲ୍ୟ କୋଟି କୋଟି ଟଙ୍କା ହେବ। ଶୋ' ରୁମ୍‌ରେ ରହିଛି ଲକ୍ଷାଧିକ ଟଙ୍କାର ବହୁମୂଲ୍ୟ ସାମଗ୍ରୀ। ୨୦୧୯ ମସିହାରେ ୦.୨୫୦ ଏକର ଜମିକୁ ୧ କୋଟି ୪୭ ଲକ୍ଷ ୬୦ ହଜାର କୋଟିରେ ପ୍ରସନ୍ନ କିଣିଥିଲେ। ହେଲେ ସେହି ଜମି ବଜାର ଦାମରୁ ଢେର ଅଧିକ ବୋଲି ଆକଳନ କରୁଛି ଭିଜିଲାନ୍ସ। ୧୮୦୦ ବର୍ଗ ଫୁଟ୍ ଅଂଚଳରେ ନିର୍ମାଣ ହୋଇଥିବା ଏହି ବିଲ୍ଡିଂ ର ଦାମ୍ ୨ କୋଟି ହେବ ବୋଲି ଆକଳନ କରାଯାଇଛି। ଭିଜିଲାନ୍ସ ପକ୍ଷରୁ କୁହା ଯାଇଛି ଯେ ସ୍ୱତନ୍ତ୍ର ଜଜଙ୍କ ଆଦେଶକ୍ରମେ ସଦାନନ୍ଦ ବେହେରାଙ୍କ ପୁଅ ପ୍ରସନ୍ନ କୁମାର ବେହେରାଙ୍କ ଘରେ ଚଢ଼ାଉ କରାଯାଉଛି । ପ୍ରସନ୍ନଙ୍କ କଳ୍ପନା ଛକରେ ଥିବା ନିଜ ସରକାରୀ କ୍ୱାର୍ଟର ଏବଂ ▶▶ପୃଷ୍ଠା ୭

ଖସିଲା ସେନସେକ୍ସ : ୪ ଲକ୍ଷ, ୮୦ ହଜାର କୋଟି ହରାଇଲେ ନିବେଶକ

ନୂଆଦିଲ୍ଲୀ,୨୮/୧୦: ପୁଣି ଖସିଲା ସେନସେକ୍ସ । ଗତ ୬ ମାସରେ ସବୁଠାରୁ ବଡ ହ୍ରାସ । ୪ ଲକ୍ଷ ୮୦ ହଜାର କୋଟିର କ୍ଷତି । ଗତ କିଛିଦିନହେଲାଣି ଭାରତୀୟ ବଜାର ଚାପ ଦେଖାଯାଇଥିଲା । ଯାହାଫଳରେ ଆଜି ବଜାରରେ ଭାରି ପ୍ରଭାବ ପକାଇଛି । ଗତ ୬ ମାସରେ ସବୁଠାରୁ ବଡ ହ୍ରାସ ଘଟି ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନସକ୍ସ ୧୧୫୮ ପଏଣ୍ଟ ଖସି ୫୯ ହଜାର ୯୮୪ ପଏଣ୍ଟରେ ପହଞ୍ଚିଛି । ସେହିପରି କାରବାର ଶେଷରେ ନିଫଟି ୩୫୩ ପଏଣ୍ଟ ତଳକୁ ଖସି ୧୭ ହଜାର ୮୫୭ରେ ଶେଷ ହେଇଛି । ତେବେ ଗତ ୨୦ ଦିନ ମଧ୍ୟର ସବନିମ୍ନ ସ୍ତର ଆଜି ରହିଛି । ଏହାପୂର୍ବରୁ ଅକ୍ଟୋବରରେ ସେନସେକ୍ସ ୬୦ ହଜାର ସ୍ତରକୁ ଛୁଇଁଥିଲା । ତେବେ ସେନସକ୍ସ କମିବା ସହ ଅନେକ କମ୍ପାନିର ମଧ୍ୟ ସେୟାରରେ ପ୍ରଭାବ ପଡିଛି । ଆଦାନି ପୋର୍ଟର ସେୟାରରେ ପାଖାପାଖି ୮ ପ୍ରତିଶତ ହ୍ରାସ ପାଇଛି । ସେହିପରି ସରକାରୀ କମ୍ପାନୀର ମଧ୍ୟ ସେୟାର କମିଛି ।

+୨୫ଦିନ ପରେ ହାଇକୋର୍ଟରୁ ଆର୍ଯ୍ୟନ ଖାନ୍‌ଙ୍କୁ ଜାମିନ୍

ମୁମ୍ବାଇ,୨୮/୧୦ (ନି.ପ୍ର): କ୍ରୁଜ୍ ଡ୍ରଗ ପାର୍ଟି ହାଇପ୍ରୋଫାଇଲ ମାମଲାରେ ଗୁରୁବାର ଦିନ ହାଇକୋର୍ଟର ଜଜ୍ ନିତିନ ଭାମ୍ବ୍ରେ ଆର୍ଯ୍ୟନ ଖାନ୍, ଅରବାଜ ମର୍ଚ୍ଚେଂଟ ଏବଂ ମୁନ୍‌ମୁନ୍ ଧମେଚାଙ୍କୁ ୨୫ ଦିନ ପରେ ସଶର୍ତ ଜାମିନ ମଞ୍ଜୁର କରିଛନ୍ତି। ଜଜ୍ କହିଛନ୍ତି ଯେ ଏହି ମାମଲାର ନିର୍ଣ୍ଣୟ ପ୍ରତି ଶୁକ୍ରବାର ଦିନ ଜାରି କରାଯିବ। ଜାମିନରେ ମୁକ୍ତ ହେବାପରେ ତିନି ଅଭିଯୁକ୍ତଙ୍କୁ ସହର ଛାଡ଼ି ନଯିବା ଏବଂ ପ୍ରତି ଶୁକ୍ରବାର ଦିନ ଏନ୍‌ସିବି କାର୍ଯ୍ୟାଳୟରେ ହାଜର ଦେବାର ସର୍ତ ରଖାଯାଇଛି। ଆର୍ଯ୍ୟନ ଖାନ୍‌ଙ୍କ ଓକିଲ ମୁକୁଲ ରୋହତଗୀ ସାମ୍ବାଦିକଙ୍କୁ କହିଛନ୍ତି ଯେ ଦୁଇପଟର ଓକିଲଙ୍କ ଦଲିଲ ଶୁଣିବାପରେ ଜଜ୍ ଆଜି ଆର୍ଯ୍ୟନ ଖାନ୍, ଅରବାଜ ମର୍ଚ୍ଚେଂଟ ଏବଂ ମୁନ୍‌ମୁନ୍ ଧମେଚାଙ୍କ ଜାମିନ ମଞ୍ଜୁର କରାଯାଇଛି। ଜାମିନ ସମ୍ବନ୍ଧିତ ନିର୍ଣ୍ଣୟର ବିସ୍ତୃତ ଆଦେଶ ଶୁକ୍ରବାର ଦିନ ଦିଆଯିବ। ଏହାପରେ ତିନି ଅଭିଯୁକ୍ତଙ୍କୁ ଶନିବାର କିମ୍ବା ରବିବାର ପର୍ଯ୍ୟନ୍ତ ଜେଲ୍‌ରୁ ବାହାରକୁ ଆସିଯିବେ। ହାଇକୋର୍ଟ ଆର୍ଯ୍ୟନ ଖାନ୍ ସହିତ ତିନି ଅଭିଯୁକ୍ତଙ୍କ ଜାମିନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଓକିଲ ମୁକୁଲ ରୋହତଗୀ, ସତିଶ ମାନେସିନ୍ଦେ ଏବଂ ଅମିତ ଦେଶାଇ ୧୯ ଅକ୍ଟୋବର ଦିନ ଆବେଦନ ଦାଖଲ କରିଥିଲେ। ଏହି ମାମଲାର ୧୯ ଅକ୍ଟୋବର ଦିନ ଶୁଣାଣୀ ହେବାପରେ ହାଇକୋର୍ଟରେ ଛୁଟୀ ହୋଇଥିଲା। ଏହାପରେ ମାମଲାର ଶୁଣାଣୀ ୨୬, ୨୭ ଏବଂ ୨୮ ଅକ୍ଟୋବର ଦିନ ଲଗାତାର ଜାରିଥିଲା। ଗୁରୁବାର ଦିନ ଏହି ମାମଲାର ଶୁଣାଣୀ ପାଇଁ ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ(ଏନ୍‌ସିବି) ପକ୍ଷରୁ ଓକିଲ ଅନିଲ ସିଂହ ▶▶ପୃଷ୍ଠା ୭

ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା ଓ ସିବିଆଇ ତଦନ୍ତ ଦାବି

ବିଭିନ୍ନ ସ୍ଥାନରେ ବିଜେପିର ବିକ୍ଷୋଭ; ଭୁବନେଶ୍ୱରରେ ଡିସିପି ଅଫିସ୍ ଘେରିଲା ଦଳ

ଭୁବନେଶ୍ୱର,୨୮/୧୦(ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ବିରୋଧୀଙ୍କ ଆନ୍ଦୋଳନ ତୀବ୍ର ହୋଇଛି । ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ବିଜେପି ଆନ୍ଦୋଳନ କରିଥିବା ବେଳେ ନମିତାଙ୍କ ପରିବାରକୁ ଭେଟିଛି କଂଗ୍ରେସ ପ୍ରତିନିଧି ଦଳ । ଭୁବନେଶ୍ୱର ଡିସିପି ଅଫିସ ଘେରାଉ ବେଳେ ପୁଲିସ ସହ ବିଜେପି କର୍ମୀଙ୍କ ଧସ୍ତାଧସ୍ତି ହୋଇଛନ୍ତି । ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଇସ୍ତଫା ଦାବି ଓ ସିବିଆଇ ତଦନ୍ତ ଦାବିରେ ବିଜେପି ଯୁବ ମୋର୍ଚା ଓ ଭୁବନଶ୍ୱେର ଜିଲ୍ଲା ବିଜେପିର କର୍ମୀମାନେ ଶୋଭାଯାତ୍ରାରେ ଆସ ଡିସିପି ଅଫିସ ଘେରାଉ କରିଥିଲେ । ଏହି ସମୟରେ ପୁଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା । ପରେ ପୁଲିସ ଆନ୍ଦୋଳନାକାରୀ ବିଜେପିର କର୍ମୀଙ୍କୁ ଉଠାଇନେଇଥିଲା । ସେପଟେ ବ୍ରହ୍ମପୁରରେ ମଧ୍ୟ ବିଜେପି ପକ୍ଷରୁ ଜୋରଦାର ବିକ୍ଷୋଭ କରାଯାଇଛି । ଘୁମୁସର ବିଜେପିର ଶତାଧିକ କର୍ମୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଛନ୍ତି । ବିଜେପି କର୍ମୀମାନେ ଶୋଭାଯାତ୍ରାରେ ଏସ୍ପି ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ବିଜେପି ପକ୍ଷରୁ ବିକ୍ଷୋଭ କରାଯାଇଛି ।

୨୦୨୨ରେ ପଂଚାୟତ ନିର୍ବାଚନ

ଭୁବନେଶ୍ୱର,୨୮/୧୦ (ନି.ପ୍ର): ୨୦୨୨ ରେ ହେବ ପଂଚାୟତ ନିର୍ବାଚନ। ସେଥିପାଇଁ ରାଜ୍ୟନିର୍ବାଚନ କମିଶନଙ୍କ ତତ୍ତ୍ୱାବଧନା ରେ ପ୍ରସ୍ତୁତି ଜାରିରହିଛି। କେନ୍ଦ୍ର ନିର୍ବାଚନ କମିଶନ ଜାନୁଆରୀ ୧, ୨୦୨୧ ସୁଦ୍ଧା ଭୋଟର ଲିଷ୍ଟ ପ୍ରଦାନ କରିସାରିଛନ୍ତି। ଏହି ଭୋଟର ତାଲିକା ସଂଶୋଧନ ହେବା ପୂର୍ବରୁ ଆସନ୍ତା ୬ ତାରିଖରେ ସର୍ବଦଳୀୟ ବୈଠକ ଡକାଯାଇଛି। ସର୍ବଦଳୀୟ ବୈଠକରେ ଭୋଟର ତାଲିକା ସଂଶୋଧନ ନେଇ ଆଲୋଚନା ହେବ। ଧାର୍ଯ୍ୟ ତାରିଖ ଅନୁସାରେ ଜିଲ୍ଲାମାନେ ସେମାନଙ୍କର ସଂରକ୍ଷଣ ତାଲିକା ପ୍ରଦାନ କରିବେ ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପାଢ଼ୀ ସୂଚନା ଦେଇଛନ୍ତି।

ନଭେମ୍ବର ୩୦ ଯାଏଁ କରୋନା କଟକଣା ବୃଦ୍ଧି କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୨୮/୧୦: ମହାମାରୀ କରୋନା ପାଇଁ ଦେଶରେ ବର୍ତ୍ତମାନ ଜାରି ରହିଥିବା କଟକଣା ବା କଣ୍ଟେନମେଣ୍ଟ ବ୍ୟବସ୍ଥାକୁ କେନ୍ଦ୍ର ସରକାର ନଭେମ୍ବର ୩୦ ଯାଏ ବୃଦ୍ଧି କରିଛନ୍ତି। ବର୍ତ୍ତମାନ କିଛି ରାଜ୍ୟ ଓ କିଛି ଅଞ୍ଚଳରେ ସଂକ୍ରମଣ ଅବ୍ୟାହତ ରହିଛି। ତେଣୁ ଏହା ବିସ୍ଫୋରକ ରୂପ ନେବାର ଆଶଙ୍କା ଥିବାରୁ କେନ୍ଦ୍ର ସରକାର ସମସ୍ତଙ୍କୁ ସତର୍କ ରହିବାକୁ କହିଛନ୍ତି। ଏଥିସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଅଜୟ ଭଲ୍ଲା ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କୁ ଚିଠି ଲେଖି ନଭେମ୍ବର ୩୦ ଯାଏ କଟକଣା ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ଗତମାସରେ ମଧ୍ୟ ସେ ଚିଠି ଲେଖି ସତର୍କ ରହିବାକୁ କହିଥିଲେ। ଦେଶରେ ପାର୍ବଣ ଋତୁ ଚାଲିଥିବାରୁ କୋଭିଡର ଉଚିତ ବ୍ୟବହାର ଉଲ୍ଲଙ୍ଘନ ହେବାର ଆଶଙ୍କା ରହିଛି। ତେଣୁ ଶ୍ରୀ ଭଲ୍ଲା ପାର୍ବଣ ବେଳେ କଟକଣା କଡ଼ାକଡ଼ି ଭାବେ ପାଳନ କରିବାକୁ ସବୁ ରାଜ୍ୟ ସରକାରମାନଙ୍କୁ କହିଥିଲେ। ଭଲ୍ଲା କହିଥିଲେ, ବର୍ତ୍ତମାନ ଦେଶରେ ଦୈନିକ ମାମଲା ଓ ରୋଗୀଙ୍କ ସଂଖ୍ୟା ହ୍ରାସ ପାଉଛି। କିନ୍ତୁ ଆଞ୍ଚଳିକ ସଂକ୍ରମଣ କିଛି ରାଜ୍ୟରେ ଜାରି ରହିଛି। ଏହା ନିଶ୍ଚିତ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ନିୟମିତ ଭାବେ ପଜିଟିଭିଟି ରେଟ, ହସ୍ପିଟାଲ, ଆଇସିୟୁ ବେଡ୍? ଆଦିକୁ ଯାଞ୍ଚ କରନ୍ତୁ। ଯଦି ଦରାକର ପଡ଼ିବ, ତେବେ ସେମାନେ ମାଇକ୍ରୋ କଣ୍ଟେନମେଣ୍ଟ ଲାଗୁ କରିପାରିବେ। ଟେଷ୍ଟ, ଟ୍ରାକ, ଟ୍ରିଟ, ଟିକାକରଣ ଓ କୋଭିଡର ▶▶ପୃଷ୍ଠା ୭

ଅଧା ପଶ୍ଚିମ ଓଡ଼ିଶାରେ ମରୁଡ଼ିର ପଦଧ୍ୱନି

ଭୁବନେଶ୍ୱର,୨୮/୧୦(ନି.ପ୍ର): ଅଧା ପଶ୍ଚିମ ଓଡ଼ିଶାରେ ମରୁଡି ସ୍ଥିତି । ଚଳିତ ବର୍ଷ ରାଜ୍ୟର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା କିନ୍ତୁ କିଛି ସ୍ଥାନରେ ଅତ୍ୟନ୍ତ କମ ବର୍ଷା ଯୋଗୁଁ ମରୁଡି ସ୍ଥିତି ଦେଖାଦେଇଛି । ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ୪୬ଟି ବ୍ଲକରେ ଏହି ସ୍ଥିତି ଉପଜୁଛି । ଗତକାଲି ବରଗଡ ଓ ସମ୍ବଲପୁରରେ ହଳ ଲଙ୍ଗଳ ଧରି ଚାଷୀ ମାନେ ବିକ୍ଷୋଭ କରିଥିଲେ ଓ ମରୁଡି ଘୋଷଣା ପାଇଁ ଦାବି କରିଥିଲେ । ଏହାପରେ ପଶ୍ଚିମ ଓଡ଼ିଶାରେ ମଧ୍ୟ ମରୁଡି ସ୍ଥିତି ଥିବା ନେଇ ଏବେ ଖବର ପ୍ରକାଶ ପାଇଛି । ଯେଉଁ ସମୟରେ ଚାଷୀ ତା ବର୍ଷକର ପରିଶ୍ରମକୁ ହାତରେ ଧରି ଖୁସି ହେବା କଥା, ସେ ସମୟରେ ହାତରେ ଧରିଛି ଶୁଖୁଲା ଧାନ କେଣ୍ଡା । ଯାହାକୁ ନେଇ ପଶ୍ଚିମ ଓଡ଼ିଶାର ଚାଷୀ ହତାଶ । ଆବଶ୍ୟକ ବର୍ଷା ଅଭାବ ଏବଂ ଜଳସେଚନ ହୋଇନପାରିବାରୁ ଏବେ ଉପୁଜିଛି ମରୁଡି ସ୍ଥିତି । ମରୁଡ଼ି ଘୋଷଣା ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ । ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ଅଧାରୁ ଅଧିକ ଅଞ୍ଚଳରେ ଶୁଭୁଛି ମରୁଡ଼ିର ପଦଧ୍ୱନି । ମୋଟ ୮୮ ବ୍ଲକରୁ ୪୬ ବ୍ଲକରେ ମାଟି ଫାଟି ଆଁ । ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଓ ସମ୍ବଲପୁରର ଅଧାରୁ ଅଧିକ ବ୍ଲକରେ ମରୁଡ଼ି ଆଶଙ୍କା ଦେଖାଦେଇଛି । ଦେବଗଡ଼ ଓ ବଲାଙ୍ଗୀରର ଅବସ୍ଥା ଆହୁରି ଶୋଚନୀୟ ହୋଇପଡିଛି । କଳାହାଣ୍ଡିର ୧୪ ବ୍ଲକରୁ ୬ଟି ବ୍ଲକରେ ସ୍ଥିତି ସଂଗୀନ ହୋଇଛି । ଝାରସୁଗୁଡ଼ା ଓ ନୂଆପଡ଼ାର ସବୁ ବ୍ଲକ ମରୁଡ଼ି ଆଡକୁ ମୁହାଁଇଛି । ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ଛାଡିଦେଲେ ପଶ୍ଚିମ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ସ୍ଥିତି ବିଗିଡ଼ିବାରେ ଲାଗିଛି । ପୋଖରୀ ଗାଡିଆ ସବୁ ଶୁଖି ଯାଇଛି । ଯେଉଁଠି ଜଳସେଚନର ସୁବିଧା ରହିଛି ସେଠି ପାଣି ପମ୍ପ ଯୋଗେ ବିଲକୁ ପାଣି ମଡାଇ ଚାଷ ବଞ୍ଚାଇବାକୁ ଶେଷ ଚେଷ୍ଟା କରୁଛି ଚାଷୀ ।

ନଭେମ୍ବର ୬ରେ ବିଜେଡିରେ ଯୋଗ ଦେବେ ପ୍ରଦୀପ ମାଝୀ

ଭୁବନେଶ୍ୱର,୨୮/୧୦ (ନି.ପ୍ର): ଆସନ୍ତା ନଭେମ୍ବର ୬ରେ ଆନୁଷ୍ଠାନିକ ଭାବେ ବିଜେଡିରେ ମିଶିବେ ପ୍ରଦୀପ ମାଝୀ । ନବରଙ୍ଗପୁରରେ ଏକ ମିଶ୍ରଣ ପର୍ବରେ ପ୍ରଦୀପ ମାଝୀ ବିଜେଡିରେ ମିଶିବେ। ପୂର୍ବରୁ ବିଜେଡିରେ ମିଶିବା ନେଇ ଘୋଷଣା କରିଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ୨୨ ତାରିଖରେ ପୂର୍ବତନ ସାଂସଦ ତଥା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଦଳରୁ ଇସ୍ତଫା ଦେଇଥିଲେ । ସେ ନିଜ ଇସ୍ତଫା ପତ୍ର ଏଆଇସିସି ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପଠାଇଥିଲେ ଏବଂ ଦଳରେ କାମ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ନଥିବା ଜଣାଇଥିଲେ । ଏହାର ୨ ଦିନ ପରେ ନବରଙ୍ଗପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିରେ ଯୋଗ ଦେବେ ବୋଲି ପ୍ରଦୀପ ମାଝୀ ସୂଚନା ଦେଇଥିଲେ । ସେ କହିଥିଲେ ବିଜେଡି ରାଜ୍ୟରେ ସ୍ଥିର ସରକାର ଦେବାରେ ସଫଳ ହୋଇଛି। ପ୍ରତି ନିର୍ବାଚନରେ ସଂଖ୍ୟା ବୃଦ୍ଧି କରି ଦେଶରେ ଇତିହାସ ରଚିଛି। ନବରଙ୍ଗପୁର ସମେତ ଅବିଭକ୍ତ କୋରାପୁଟର ବିକାଶ ପାଇଁ ସେମାନେ ବିଜେଡିରେ ମିଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବେ ବୋଲି ପ୍ରଦୀପ କହିଥିଲେ ।

ମମିତାଙ୍କ ପରିବାରକୁ ଭେଟିଲେ କଂଗ୍ରେସର ଦିଲ୍ଲୀ ଟିମ

ଭୁବନେଶ୍ୱର,୨୮/୧୦(ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ସତେ ଯେମିତି ବିରୋଧୀଙ୍କୁ ସଞ୍ଜୀବନୀ ମିଳିଛି । ପ୍ରାୟ ପ୍ରତ୍ୟେକ ଦିନ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ଓ ପ୍ରତିବାଦ କରୁଛନ୍ତି ବିରୋଧୀ । ଖାଲି ସେତିକି ନୁହେଁ ଏହି ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ମଧ୍ୟ ଦାବି କରୁଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ସରକାର ନୀରବ ରହୁଛନ୍ତି । ବରିଷ୍ଠ କଂଗ୍ରେସ ନେତା ରଣଦୀପ ସୁଜର୍ଯ୍ୟେୱାଲା ଓ ଚେଲ୍ଲାକୁମାରଙ୍କ ନେତୃତ୍ୱରେ ଦଳର ଏକ କେନ୍ଦ୍ରୀୟ ଟିମ ମମିତାଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ । ତାଙ୍କୁ ଭେଟିବା ପରେ ସୂଜର୍ଯ୍ୟେୱାଲା କହିଥିଲେ, ପରିବାରର କାନ୍ଦ ଯଦି ମୁଖ୍ୟମନ୍ତ୍ରୀ ଦେଖିବେ, ତେବେ ତାଙ୍କୁ ରାତିରେ ନିଦ ହେବନାହିଁ । ଗତ କିଛି ବର୍ଷ ଭିତରେ ବୋଧହୁଏ କୌଣସି ଘଟଣାକୁ ନେଇ ବିରୋଧୀ ଏମିତି ପ୍ରତିବାଦ କରିଥିବା ଦେଖିବାକୁ ମିଳିନଥିଲା । କିନ୍ତୁ

କୋଶଳ କଳା ମଣ୍ଡଳ ପଡିଆ ପୁରୁଣା ମଂଚରେ ହେବ ବଲାଙ୍ଗିର ଦିନ୍

ବଲାଙ୍ଗିର,୨୮/୧୦ (ନି.ପ୍ର): ବଲାଙ୍ଗିର ଦିନ୍ ପାଇଁ ସ୍ଥାନୀୟ ଅମଲା ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅଙ୍କୁଶ ପାଣ୍ଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପାଧ୍ୟକ୍ଷ ବିନୋଦ କୁମାର କାଲସାଏ ବଲାଙ୍ଗର ଦିନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ୨୧ ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ ।ଆଲୋଚନା ଚକ୍ର, ଫେନ୍ସି ଡ୍ରେସ, କବିତା ଆସର, ପିଠାମଣ୍ଡା, ରକ୍ତଦାନ, ଝୁଟି ପ୍ରତିଯୋଗିତା, ପାଟଣେଶ୍ୱରୀ, ସମଲେଶ୍ୱରୀ ମନ୍ଦିରରେ ମହା ଆଳତି ହୋଇ ଶୋଭାଯାତ୍ରା ସହର ପରିକ୍ରମା କରି କୋଶଳ କଳା ମଣ୍ଡଳ ପଡିଆ ପୁରୁଣା ମଂଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆବାହକ ଜୟକୃଷ୍ଣ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ସହ ଆଗାମୀ ଦିନରେ ଓଡିଶା ସଂସ୍କୃତି ବିଭାଗ ଏହି ଦିନକୁ ପାଳନ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ଜିଲ୍ଲାପାଳଙ୍କ ଜରିଆରେ ସୂଚନା ଦେଇଥିଲେ । ସଂପାଦକ ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ସମାଜସେବୀ ନୂତନ ଦାସ ବଲାଙ୍ଗିର ଜିଲ୍ଲାର ସମସ୍ତ ଘରମାନଙ୍କରେ ଦୀପ ପ୍ରଜ୍ଜଳନ କରିବା ପାଇଁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଜ କମିଟିର କବି ଅର୍ଜୁନ ସାହୁ ଉପସ୍ଥିତ ଥିଲେ ।

ଏହି ଖଜା ଭୋଗ ନୁହେଁ ଜଳଖିଆ ପାଇଁ ଉଦ୍ଦିଷ୍ଟ ପାଇଁ ସାଇନବୋର୍ଡ଼ ମରାଯାଉ

ପୁରୀ,୨୮/୧୦ (ନି.ପ୍ର): ପୁରୀ ସହରରେ ଏବେ ଛତୁ ଫୁଟିଲା ପରି ଖଜାଦୋକାନ ଖୋଲାଯାଉଛି । ଟାଣ ଖଜା, ନରମ ଖଜା, ମହୂଫେଣି ଖଜା, ଭଲଘିଅ ଖଜା କହି ବଡ଼ଦାଣ୍ଡରେ ଖୋଲା ସ୍ଥାନରେ ଖଜା ବିକ୍ରି ଚାଲିଛି । ଖାଦ୍ୟ ଯାଞ୍ଚ ନିରୀକ୍ଷକ କେବଳ କାଗଜପତ୍ର ଦର୍ଶାଇ ଚେକିଂ କରୁଥିବା କହୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଭୋଗ ଖଜା କହି ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ଖଜା ବ୍ୟବସାୟୀ ବିକ୍ରି କରୁଥିବା ଅଭିଯୋଗ ହେଉଛି । ବାହାରୁ ଆସୁଥିବା ଭକ୍ତମାନେ ପୁରୀ ଖଜାକୁ ଶ୍ରୀଜଗନ୍ନାଥଙ୍କ ଭୋଗ ଭାବି ମୁଣ୍ଡିଆ ମାରିବା ସହ ଘରକୁ ନେଇ ଜ୍ଞାତି କୁଟୁମ୍ବ ଓ ବନ୍ଧୁମାନଙ୍କୁ ଭୋଗ ହିସାବରେ ବଂଟନ କରୁଛନ୍ତି । ଏହି ଖଜାଗୁଡ଼ିକ ଅସ୍ୱାସ୍ଥ୍ୟକର ପରିବେଷ ମଧ୍ୟରେ ଚକଟା ଯାଇ ଖଜା ପ୍ରସ୍ତୁତ ହେଉଛି । ପ୍ରଥମେ ମଇଦାକୁ ଚକଟି ତାକୁ ବେଲି ଖଜା ସାଇଜ କରାଯାଉଛି । ଏହାକୁ ରିଫାଇନ ତେଲ ଓ ଘିଅରେ ଛଣାଯାଇ ବହୁଦିନ ପର୍ଯ୍ୟନ୍ତ ରଖାଯାଉଛି । ପ୍ରତିଦିନ ଯେତିକି ଦରକାର ସେତିକି ଖଜାକୁ ରଙ୍ଗ ମିଶ୍ରିତ ଚିନି ସିରାରେ ଛଣାଯାଉଛି । ଏହାକୁ ପରେ ଖୋଲା ଆକାଶ ତଳେ ବଡ଼ଦାଣ୍ଡରେ ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଛି । ଏହା ସହ ସମୁଦ୍ରକୂଳରେ ଓ ବିଭିନ୍ନ ସାହି କଳିଗନ୍ଦିରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ଖଜାରେ ଚିନି ସିରା ଲାଗିଥିବାରୁ ମାଛି ମସିବା ସହ ବଡ଼ାଣ୍ଡରେ ଗାଡ଼ିମଟର ଦ୍ୱାରା ଉଡୁଥିବା ଧୂଳିକଣା ଖଜାରେ ଲାଗିରହୁଛି। ଏହାକୁ ଖାଇବା ଫଳରେ ପେଟ ମୋନିବା ,ବାନ୍ତି ଆସିବା, ନାଳରକ୍ତ ଝାଡ଼ା ହେବା ,ଅର୍ଜନ ହେବ ଓ ନାନାଦି ପେଟ ରୋଗ ଦେଖାଦେଉଛି। କିଛିବର୍ଷ ତଳେ ଡ଼ିଆସି ପକ୍ଷରୁ ଖଜା କ୍ଲଷ୍ଟର ପାଇଁ ଯୋଜନା ହୋଇଥିଲା ତାହା ଏବେ ସରକାରୀ ନଥିରେ ନାଲିକନା ବନ୍ଧା ହୋଇ ପଡ଼ିରହିଛି । ଅଶୁଦ୍ଧ ଖଜାକୁ ଜଗନ୍ନାଥଙ୍କ ନାମରେ ବିକ୍ରି କରିବା ମହାପାପ ବୋଲି ଜଣେ ଭକ୍ତ କହିଛନ୍ତି । ଖଜା ଭାଟିର ଚୁଲି ଠାରୁ ଟ୍ରଲିରେ ଲଦା ହୋଇ ଦୋକାନ ପର୍ଯ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପରିବହନ ହେଉଛି । ଫୁଡ଼ ସେଫ୍ଟି ଆଣ୍ଡ ସାଟାର୍ଣ୍ଣସ ଅଥରିଟି ଅଫ ଇଣ୍ଡିଆ(ଏଫଏସଏସଆଇ) ପ୍ରମାଣପତ୍ର କିଛି ହାତଗୁଣ୍ଠାଦେଲେ ମିଳିଯାଉଛି । ଏଣୁ ପ୍ରତି ଦୋକାନରେ ସ୍ୱତନ୍ତ୍ର ସାଇନବୋର୍ଡ଼ରେ ଏହି ଖଜା ଭୋଗ ନୁହେଁ । ଜଳଖିଆ ପାଇଁ ଉଦ୍ଦିଷ୍ଟ ବୋଲି ଲେଖିବା ପାଇଁ ଭକ୍ତ ମହଲରେ ଦାବି ହେଉଛି । ଏହି ସାଇନବୋର୍ଡ଼ ହିନ୍ଦି, ଇଂରାଜି ଓ ଓଡ଼ିଆରେ ଲେଖାଯାଉ ।

ଓବିସି ମଂଚ କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗିର,୨୮/୧୦ (ନି.ପ୍ର): ଜିଲ୍ଲା ଓବିସି ମଂଚ ରାଜେନ୍ଦ୍ରପଡା ସ୍ଥିତ କାର୍ଯ୍ୟାଳୟରେ ବ୍ରଜ ଭୂଷଣ ସାଏଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିବା ବେଳେ ୨୦୨୧ ବର୍ଷରେ ଓବିସି ଜାତି ଜନ ଗଣନା ହେବା କଥା ନ ହେବା ତଥା ପଂଚାୟତରାଜ ନିର୍ବାଚନରରେ ଓବିସିକୁ ପ୍ରତିନିଧିତ୍ୱରୁ ବଂଚିତ କରାଯିବା ସରକାରୀ ନୀତି ବିରୁଦ୍ଧରେ ଗକ୍ଷଭ ପ୍ରକାଶ କରାଯାଇଥିଲା ।ଓବିସି ସଂଗଠନକୁ ମଜବୁତ କରାଯିବା ପାଇଁ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଚଳାଇବାକୁ ପ୍ରସ୍ତାବ ପାସ୍ କରାଯାଇଥିଲା । ଏହା ସହିତ ଆଗାମୀ ୨୦ ନଭେମ୍ବର ଦିନ ଓବିସି ସାଧାରଣ ପରିଷଦର ନୂତନ କାର୍ଯ୍ୟକାରୀ କମିଟି ଗଠନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିବା ବେଳେ ଏହି ବୈଠକରେ ୨୦ ତାରିଖ ଦିନ ବହୁ ସଂଖ୍ୟାରେ ଓବିସି ସଭ୍ୟମାନେ ଯୋଗଦେବାକୁ ମଧ୍ୟ ଅନୁରୋଧ କରାଯାଇଛି । ବୈଠକରେ ସଦସ୍ୟମାନେ ନିଜ ଗ୍ରାମ ତଥା ବ୍ଲକ ସ୍ତରରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଓବିସି ସଂଗଠନ ଗଠନ କରିବାକୁ ତଥା ଓବିସି ଆଗୋନ୍ଦଳନକୁ ଜନ ଆଗୋନ୍ଦଳନରେ ପରିଣତ କରିବାକୁ ଜୋର୍ ଦେଇଥିବା ବେଳେ ମମିତା ମେହେର ହତ୍ୟାକାଣ୍ଡ ଉପରେ ଗକ୍ଷଭ ପ୍ରକାଶ କରିବା ସହିତ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦାବୀ କରାଯାଇଥିଲା । ଏହି ସଭାରେ ସମ୍ପାଦକ ପରଦେଶି ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବୃନ୍ଦାବନ କ୍ଷେତୀ, ସୁରଜ ମାହାର, ମଂଚରି ପଟେଲ, ସରସ୍ୱତୀ ସାହୁ, ସୁବାନି ସାହୁ, ତେଜରାଜ ବେହେରା, ମଧୁସୂଦନ କ୍ଷେତି, ସୁମନ୍ତେ ମେହେର, ଲୋକନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜଗନ୍ନାଥ ପ୍ରସାଦ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ ।

ବୋଡ଼େନ ସାପ୍ତାହିକ ବଜାରଠାରେ କ୍ଲିନ୍ ଇଣ୍ଡିଆ, ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ

ନୂଆପଡା,୨୮/୧୦ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବୋଡ଼ନେ ସାପ୍ତାହିକ ବଜାର ଠାରେ କ୍ଲିନ୍ ଇଣ୍ଡିଆ, ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୋଡ଼େନ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ପ୍ରତ୍ୟେକ ନାଗରିକର ନୈତିକ କର୍ତବ୍ୟ ଅଟେ, ପ୍ଲାଷ୍ଟିକ ସ୍ୱଳ୍ପ ବ୍ୟବହାର କରି ତାର ସଂଗ୍ରହ କରି ପୁନଃ ରିସାଇକେଲିଙ୍ଗ କରିବାକୁ ଆହ୍ୱାନ କରିଥିଲେ ।
ଏଥିରେ ସମ୍ମାନିତ ଅତିଥି ଭାବରେ ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଆଶିଷ କୁମାର ଠାକୁର, ଏନଏସଏସର ଜିଲ୍ଲା ଗପ୍ରଗ୍ରାମ ଅଫିସର ସଗନ୍ତଷ କୁମାର ମୁଣ୍ଡ, ବୋଡ଼ନେ ଡିଗ୍ରୀ କଲେଜ ଅଧ୍ୟାପକ କିଶୋର କୁମାର କର୍ଣ୍ଣ, ବୋଡ଼େନ ଅତିରିକ୍ତ ତହସିଲଦାର ଜୟଶନ ଧରୁଆ, ଖୁସବୁ ମେହେର, ବୋଡ଼େନ ବ୍ଲକ ସାମ୍ବାଦିକ ସଂଘର ସଭାପତି ବିଶିକେଶନ ପଣ୍ଡା, ଜିଲ୍ଲା ପ୍ରେସ କ୍ଲବରୁ ଅଜିତ ପଣ୍ଡା, ପୂର୍ବତନ ରେଞ୍ଜର ପର୍ଶୁରାମ ସେଠି, ବୋଡ଼େନ ଗ୍ରାମପଚାଂୟତ କାର୍ଯ୍ୟନିର୍ବାହି ଅଧିକାରୀ ନନ୍ଦକିଶୋର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ ।

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସାକ୍ଷିଗୋପାଳ,୨୮/୧୦ (ନି.ପ୍ର): ପୁରୀ ଜିଲ୍ଲା ସାକ୍ଷିଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଶକ୍ତିପ୍ରଭା ହୋତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରି ପ୍ରଫେସର ହୋତା ନିଷ୍ଠା, କର୍ତବ୍ୟ ପରାୟଣତା ଓ ଅଙ୍ଗିକାରବଦ୍ଧତାର ଏକ ଉଜ୍ଜ୍ୱଳ ଉଦାହରଣ ଥିଲେ ଓ ତାଙ୍କର ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ଶୈକ୍ଷିକ ଜୀବନରେ ଅନେକ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଗଢି ତୋଳିବାରେ ସଫଳ ହୋଇଥିଲେ ବୋଲି ମତ ଦେଇଥିଲେ । ସମ୍ବର୍ଦ୍ଧନାର ଉତରରେ ପ୍ରଫେସର ହୋତା ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ ଓ ଲକ୍ଷ୍ୟ ହାସଲ ପାଇଁ ଏକାଗ୍ରତାର ସହ ଅଧ୍ୟୟନ କରିବାକୁ ଉପଦେଶ ଦେଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ସମ୍ମାନ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଧ୍ୱାରା ଆୟୋଜିତ ଏହି ଉତ୍ସବରେ ବିଭାଗର ଅନ୍ୟତମ ଅଧ୍ୟାପକ ଉତ୍କଳ ପାଣିଗ୍ରାହୀ, ପ୍ରାଧ୍ୟାପକ ସତ୍ୟ ଶିବସୁନ୍ଦର ମିଶ୍ର, ପ୍ରଫେସର ଧନୁର୍ଦ୍ଧର ମୁଦୁଲି, ପ୍ରଫେସର ଶଙ୍କର୍ଷଣ ପ୍ରଧାନ, ପ୍ରଫେସର ମନୋଜ କୁମାର ପରିଡ଼ା, ବଡ଼ ବାବୁ ରାଜକିଶୋର ପତି ଓ ଏକାଉଣ୍ଟେଟ ମହେଶ୍ୱର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନର ଛାତ୍ରୀ ଜେ.ଡି. ଶତାବ୍ଦୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଅନ୍ୟତମ ଛାତ୍ରୀ ନମ୍ରତା ପ୍ରିୟଦର୍ଶିନୀ ମହାରଣା ସଭାକୁ ସଂଯୋଜନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରଫେସର ହୋତାଙ୍କୁ ବିଦାୟକାଳୀନ ଉପହାର ପ୍ରଦାନ କରାଯାଇଥିଲା ।

ଶ୍ରମିକ ସଂଗଠନ ନେତାଙ୍କ ସହିତ ଶ୍ରମ ଅଧିକାରୀଙ୍କ ଆଲୋଚନା

କେନ୍ଦ୍ରାପଡ଼ା,୨୮/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ୬୧ ଗୋଟି ଶ୍ରମିକ ସଂଗଠନର ନେତାମାନେ ଜିଲ୍ଲା ଶ୍ରମ କମିଶନର ମହେଶ୍ୱର ନାୟକଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ଜଗତ ଜୀବନ ଦାସ, ବାବାଜୀ ଧଳ, ମୁକ୍ତାର ଖାନ, ସୁହାନା ବେଗମ, କୃଷ୍ଣ ଚନ୍ଦ୍ର ରାଉତ, ଫକିର ଖଟୁଆ, ବସନ୍ତ ସେଠୀ,ସଂଜୀବ ରାଉତ ପ୍ରମୁଖ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବକେୟା ଥିବା ପ୍ରାୟ ୨୫ ହଜାର ଶ୍ରମ କାର୍ଡକୁ ତୁରନ୍ତ ପ୍ରଦାନ କରିବା, କରୋନା ମହାମାରୀ ସମୟରେ ଆସିଥିବା ସହୟାତା ରାଶି କୁ ବଣ୍ଟନ କରିବା, ମୃତ୍ୟୁ କାଳିନ ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା, ପ୍ରସୂତି ସହାୟତା ଓ ସାଇକେଲ ଟଙ୍କା ପ୍ରଦାନ କରିବା ଆଦି ବିଷୟରେ ଆଲୋଚନା କରା ଯାଇଥିଲା । ଦୀର୍ଘଦିନ ଧରି ଏହି କାର୍ଯ୍ୟାଳୟରେ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ ଚାଲୁ ଥିବାରୁ ବିଭିନ୍ନ ସଂଗଠନର ନେତାମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ତୁରନ୍ତ ବକେୟା ଥିବା କାର୍ଯ୍ୟ ଗୁଡିକୁ ଶେଷ କରିବା ପାଇଁ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଶ୍ରମ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ପଂଚାୟତ ନିର୍ବାଚନ ପାଇଁ ସଙ୍କଟରେ ସଞ୍ଜୟ : କାମ ଦେଉନି ରାଜନୈତିକ ସଂଜୀବନି ମନ୍ତ୍ର !

ପୁରୀ,୨୮/୧୦ (ନି.ପ୍ର): ପଞ୍ଚାୟତ ନିର୍ବାଚନକୁ ଆଖି ଆଗର ରଖି ବ୍ରହ୍ମଗିରି ଠାରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ବିଗୁଲ ବଜାୟୀ ଥିଲେ । ହେଲଥକାର୍ଡ଼ ବଂଟନ ପାଇଁ ବ୍ରହ୍ମଗିରିକୁ ବାଛିଥିବାରୁ ତାକୁ ନେଇ ଏବେ ଚର୍ଚ୍ଚା ଯୋରଧରିଛି । ସେହି ବୈଠକରେ ବର୍ତମାନ ବ୍ରହ୍ମଗିରି ବିଧାୟକ କହିଲେ ଗତ ୧୦ବର୍ଷ ଭିତରେ ବ୍ରହ୍ମଗିରିରେ ଯେତିକି ଗୁଡ଼ିଏ କାମର ଭିତିପ୍ରସ୍ତର ହୋଇଥିଲା ତାହା ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ମୁଣ୍ଡଟେକି ଠିଆ ହୋଇପାରିନାହିଁ । ଦଳପୂର୍ଣ୍ଣ ହୋଇ ରହିଛି ଗୋବର୍ଦ୍ଧନପୁର ବ୍ୟାରେଜ । ଯାହାଫଳରେ ୧୪ମୌଜାର ଚାଷୀ ଖରାଦିନିଆ ଧାନ ପାଇଁ ପାଣି ପାଇ ପାରୁନାହାନ୍ତି । ଭଣ୍ଡାରିକୁଦା ଠାରେ ମେଗା ପାନୀୟ ଜଳପ୍ରକଳ୍ପ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ମଶାଣୀ ଭୂଇଁ ପରି ପଡ଼ିରହିଛି । ଯାହାଫଳରେ ୭୮ଟି ଗ୍ରାମ ସୁଦ୍ଧ ନିର୍ମଳ ପାନୀୟଜଳ ପାଇ ପରୁନାହାନ୍ତି । ପ୍ରତି ଗ୍ରାମରେ ସମସ୍ୟା ଲାଗିରହିଥିବା ବେଳେ ସେଗୁଡିକ ସମାଧାନ କରିବାରେ ବିଫଳ ହୋଇଛନ୍ତି । ଗତ ତିନିଦିନ ତଳେ ପୁରୀ ସଦରବ୍ଲକ ଅନ୍ତର୍ଗତ ତଥା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କହ୍ନେଇ ବିଦ୍ୟାଧରପୁର ଗ୍ରାମରେ ଶଙ୍ଖୁଆ ନେତା ପହଞ୍ଚିବା ପରେ ଗ୍ରାମର ମହିଳାମାନେ ଘେରି ଯାଇଥିଲେ । ପ୍ରଶ୍ନବାଣରେ ପୋଡି ପକାଇଥିଲେ । ଆବାକାବା ହୋଇ ନେତା ଉପାୟ ନପାଇ ଗ୍ରାମର ମୁଖିଆ ଓ ୱାର୍ଡ଼ ମେମ୍ବରକୁ ଖୋଜିଥିଲେ । କେହି ନଆସିବାରୁ ଶେଷରେ ଚାଉଳ ଗହମ ପ୍ରଦାନକାରୀ ସଂସ୍ଥାର ଅଧିକାରୀଙ୍କୁ ଫୋନ ଲଗାଇ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ । ଗ୍ରାମର ଜଣେ ବ୍ୟକ୍ତି କହୁଥିଲେ ଯେ ନେତା ଜଣଙ୍କ ଯୋଗାଣ ମନ୍ତ୍ରୀ ଥିବାବେଳେ ଗ୍ରାମରସେହି ମହିଳାଙ୍କୁ ରେସନକାର୍ଡ଼ ମିଳିଥିଲା । ମାତ୍ର ପରିବାରରେ ୧୦ଜଣ ବ୍ୟକ୍ତି ଥିବାବେଳେ ୯କେଜି ଗହମ ଓ ୬କେଜି ଚା ଉଳ ମିଳୁଥିଲା । ଅଭିଯୋଗ କାରିଣୀ ବୃଦ୍ଧା ଜଣଙ୍କ କାନ୍ଦି କାନ୍ଦି ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ସେହିଦିନ ଠାରୁ ନେତା ଜଣଙ୍କ ଆଉ ପଦଯାତ୍ରା ନକରି ଏବେ ଭୁବନେଶ୍ୱରରେ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ବିଭିନ୍ନ ଅଧିକାରୀଙ୍କୁ ଡ଼ାକି ବ୍ରହ୍ମଗିରିର ଉନ୍ନତି ସଂପର୍କରେ ଆଲୋଚନା କରୁଛନ୍ତି । ସେହି ଭୁବନେଶ୍ୱରରୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର କରିବା ପରେ ସେହି ସମ୍ବାଦ ପୁରୀ ଜିଲ୍ଲା ଲୋକମାନେ ପଢିପାରୁନଥିବା ଅଭିଯୋଗ ହେଉଛି। ସେହି ଗ୍ରାମର ଜଣେ ବୃଦ୍ଧା କହୁଥିଲେ ଅକାଳେ ସକାଳେ ଦେଖାନାହିଁ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଡ଼ାକୁଛନ୍ତି ରାଧା ମାଇଁ ।

ସମ୍ବଲପୁର ମଣ୍ଡଳ ଦ୍ୱାରା ସତର୍କତା ସଚେତନତା ଅବସରରେ ୱାକାଥନ୍ ଆୟୋଜିତ

ସମ୍ବଲପୁର,୨୮/୧୦ (ନି.ପ୍ର): ସତର୍କତା ରେଳ ମଣ୍ଡଳ ଦୁର୍ନୀତି ବିରୋଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ୨୭ ଅକ୍ଟୋବର ୨୦୨୧ରେ ୱାକାଥନ୍ ଆୟୋଜନ କରାଯାଇଅଛି। ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଅଖଣ୍ଡତାର ବାର୍ତା ବିସ୍ତାର କରିବା ଯାହା ଆମ ଦୁନିଆର ପ୍ରତ୍ୟେକ କୋଣରୁ ଦୁର୍ନୀତି ଦୂର କରିବା ଦ୍ୱାରା ଏକ ଉତମ ବିଶ୍ୱ ଗଠନ ପାଇଁ ମୁଖ୍ୟ ମନ୍ତ୍ର ଅଟେ। ମଣ୍ଡଳ ରେଳ ପ୍ରବନ୍ଧକ ସମ୍ବଲପୁର ଶ୍ରୀ ପ୍ରଦୀପ କୁମାରଙ୍କ ନେତୃତ୍ୱରେ ରେଳ ଷ୍ଟାଡିୟମ୍‌ରୁ ରେଳନଗର ଗେଟ୍ ପର୍ଯ୍ୟନ୍ତ ୱାକାଥନ ଆୟୋଜନ କରାଯାଇଅଛି। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ଶ୍ରୀ ଆନନ୍ଦ ସିଂ, ସମସ୍ତ ଅଧିକାରୀ ଏବଂ ବହୁ ସଂଖ୍ୟାରେ କର୍ମଚାରୀମାନେ ଏହି ୱାକାଥନ୍‌ରେ ଅଂଶଗ୍ରହଣ କରିଥିଲେ। ସତର୍କତା ସଚେତନତା ସପ୍ତାହ ୨୬ ଅକ୍ଟୋବରରୁ ନଭେମବର ୧ ମଧ୍ୟରେ ପାଳନ କରାଯାଉଅଛି।

ଆଳି ନୂଆଗାଁ ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ

କେନ୍ଦ୍ରାପଡ଼ା,୨୮/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ନୂଆଗାଁ ସେବା ସମବାୟ ସମିତିର କେତେକ ସଭ୍ୟ ଓ ସଭ୍ୟା ଦୁର୍ନିତି ସଂପର୍କରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଭେଟି ଜଣାଇବା ସହ ଏକ ଲିଖିତ ଅଭିଯୋଗ ପତ୍ର ତଦନ୍ତ କରିବା ପଇଁ ଦାଖଲ କରିଛନ୍ତି। ଏହି ଅଭିଯୋଗ ପତ୍ରରେ ସେବା ସମବାୟ ସମିତିରେ କାହାକୁ ନଜଣାଇ କର୍ମଚାରୀ ନିଯୁକ୍ତି ରାଜ୍ୟ ବାହାର ର କେତେକ ବ୍ୟକ୍ତି ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ ପ୍ରଦାନ କରି ଏହି ସମିତି ରୁ ଲକ୍ଷାଧିକ ଟଙ୍କା କୃଷିରଣ ନେଇଛନ୍ତି । ସମିତିର କେତେକ କର୍ମଚାରୀ ରଣ ପ୍ରଦାନ ସମୟରେ ଲାଂଚ ନେଉଥିବା ଅଭିଯୋଗ ହୋଇଛି । ୨୦୨୦ ମସିହାର ରବି ଓ ଖରିଫ ଚାଷର ଲୋକ ମାନଙ୍କର କିଷାନ କ୍ରେଡିଟ କାର୍ଡ ନବୀକରଣ କରାଯାଇ ନଥିବାରୁ ଚାଷୀମାନେ ବୀମା ଟଙ୍କାରୁ ବଂଚିତ ହୋଇଛନ୍ତି । କୃଷି ସେବା ସମବାୟ ସମିତିର ଧାନ ପଞ୍ଜିକରଣରେ ଜାଲ ପଞ୍ଜିକରଣ କରାଇଥିବା ମଧ୍ୟ ଅଭିଯୋଗ ହୋଇଛି । ତୁରନ୍ତ ଏହି ଅଭିଯୋଗ ଗୁଡିକର ତଦନ୍ତ କରିବା ପାଇଁ ବିଶ୍ୱକାନ୍ତ ନନ୍ଦ, ଅମର କୁମାର ଜେନା, ଅନାଦି ଚରଣ ନନ୍ଦ, ଗଜେନ୍ଦ୍ର ମହାନ୍ତି, ଅଜୟ ପ୍ରଧାନ, ଲକ୍ଷ୍ମୀପ୍ରିୟା ଜେନା, ରଶ୍ମିତା ସାହୁ ପ୍ରମୁଖ ଦାବି କରିଛନ୍ତି ।

ପୋଲିସ ସୁରକ୍ଷା

ଭାରତର ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଶମନ ପ୍ରସଂଗ

ବିପିନ ବିହାରୀ ମହାନ୍ତି

ବି.ଦ୍ର: ୨୯ ଅକ୍ଟୋବର ଜାତୀୟ ବିପର୍ଯ୍ୟୟ ଦିବସ ଉପଲକ୍ଷେ:

ପ୍ରକୃତିର ଯେଉଁ ଶକ୍ତି ଗୁଡିକ ଜୀବଜଗତ ତଥା ନିର୍ଦ୍ଦିଷ୍ଟ ଭୂଖଣ୍ଡର ଭୌଗୋଳିକ ପରିବେଶକୁ ପରିବର୍ତ୍ତନ କରାଇ ନାନା କ୍ଷତି ସହ ଦୁର୍ଗତିମଧ୍ୟକୁ ଟାଣି ନେଇଥାନ୍ତି, ସେତେବେଳେ ସେହି ସ୍ଥାନରେ ଘଟି ଯାଇଥିବା ବା ଯାଉଥିବା ଅଘଟଣକୁ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଏ। ଏହା ମଣିଷକୃତ ନହୋଇଥିବାରୁ ଏହା ଉପରେ କାହାର ଆୟତ ନଥାଏ। ଏଣୁ ଏହାକୁ ରୋକିବା ବା ଅଟକାଇବା କସ୍ମିନକାଳେ ସମ୍ଭବ ନୁହେଁ।

ସ୍ଥାନ ବିଶେଷରେ ଏହି ବିପର୍ଯ୍ୟୟକାରୀ ଶକ୍ତି ମାନଙ୍କର ରୂପ ଭିନ୍ନ ଭିନ୍ନ। ସେମିତି ଏମାନଙ୍କର ଧ୍ୱଂସକାରୀ ପ୍ରକୃତି ନେଇ ଏମାନଙ୍କର ନାମ କରଣ ମଧ୍ୟ ଭିନ୍ନ ଭିନ୍ନ; ଯେମିତି ଟର୍ଣ୍ଣାଡୋ, ହରିକେନ, ସୁନାମୀ, କାଟ୍ରିନା, ଫାଇଲିନ....ଏବଂ ସ୍ଥାନୀୟ କାରଣ ଦୃଷ୍ଟିରୁ ଚିନ୍ୟୁକ, ବ୍ଲିଜାର୍ଡ, କାଳ ବୈଶାଖୀ ଏବଂ ଲୁ ଇତ୍ୟାଦି।

ପ୍ରତିଟି ଦେଶ ଉଣା ଅଧିକେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୁଏ। ଏହି କାରଣରୁ ଭାରତ ମଧ୍ୟ ଏଥିରୁ ବାଦ ନୁହେଁ। ଭରତରେ ଘଟିଚାଲିଥିବା ବିପର୍ଯ୍ୟୟ ଗୁଡିକୁ ଜାତୀୟ ବିପର୍ଯ୍ୟୟ ରୂପେ ଅଭିହିତ କରିଛୁ। ଆମ ଦେଶରେ ଦେଖାଯାଉଥିବା ଏହିପରି କିଛି ପ୍ରାକୃତିକ ବିପର୍ଯ୍ୟୟ ଶକ୍ତିର ଦୃଷ୍ଟାନ୍ତ ସ୍ୱରୂପ ଏଠାରେ ଉପସ୍ଥାପନା କରୁଅଛୁ।

ଗ୍ରୀଷ୍ମ ପ୍ରବାହ :- କୌଣସି ସ୍ଥାନର ସାଧାରଣ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଅଟେ। ଏହା ଯଦି ୫-୬ଡିଗ୍ରୀ ସେଲସିୟସ ବୃଦ୍ଧି ପାଏ, ସେଠାରେ ଗ୍ରୀଷ୍ମପ୍ରବାହ ହୁଏ। ୭ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧିପାଇଲେ ତାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ କୁହାଯାଏ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଅଂଶୁଘାତର କାରଣ ଅଟେ। ୧୯୯୮ ମସିହା ଏପ୍ରିଲ ରୁ ଜୁନ ମାସ ମଧ୍ୟରେ ଗ୍ରୀଷ୍ମ ପ୍ରବାହ ବା ଅଂଶୁଘାତ କାରଣରୁ ଓଡିଶାରେ ୨୦୪୨ ଜଣଙ୍କର ପ୍ରାଣ ହାନି ଘଟିଥିଲା। ଏହାର ପ୍ରବାହ ସମୟ ଜାଣି କିଛିଟା ସତର୍କତା ଅବଲମ୍ବନ କଲେ , ଅବଶ୍ୟ ଏଥିରୁ ସୁରକ୍ଷା ମିଳିପାରେ।

କାଳବୈଶାଖୀ:- ମାର୍ଚ୍ଚ ଓ ଏପ୍ରିଲ ମାସରେ ଅପରାହ୍ନରେ ଓଡିଶା ଓ ପଶ୍ଚିମବଂଗ ଅଂଚଳରେ ଘଟୁଥିବା ପ୍ରବଳ ଘଡଘଡି ସହ ଘୂର୍ଣ୍ଣି ବାତ୍ୟାକୁ କାଳବୈଶାଖୀ କୁହାଯାଏ। ଏହା ହଠାତ୍ ସଂଗଠିତ ହୋଇ ସୃଷ୍ଟି ହେବା କାରଣରୁ , ଏଥିପାଇଁ ପୂର୍ବ ସୂଚନା ନଥାଏ। କେବଳ ପାରିପାର୍ଶ୍ୱିକ ଅବସ୍ଥା ଓ ପାଣିପାଗର ଲକ୍ଷଣ ଦେଖି ଏହାକୁ ଅନୁମାନ କରି ହୁଏ ଏବଂ ନିଜର ସୁରକ୍ଷା କଥା ଚିନ୍ତା କରାଯାଇଥାଏ।

ବଜ୍ରପାତ:- ବର୍ଷା ସମୟରେ ବଜ୍ରପାତ ଏକ ଆକସ୍ମିକ ଦୁର୍ଘଟଣା । ଏହା ଦ୍ୱାରା ଅନେକଙ୍କର 'ଚଡକ ମୃତ୍ୟୁ ଘଟିଥାଏ' । ଏବେକୁ ଟେଲିଫୋନ୍ ଓ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ବ୍ୟକ୍ତି ଏହାର ଶିକାର ହେଲେଣି। ଏହା ଦ୍ୱାରା ଯାନ୍ତ୍ରିକ ଯନ୍ତ୍ରପାତି ବେସଜଡ ହୋଇଯାଉଅଛି। ମେଘର ଆଗମନ , ଆକାର, ଏବଂ ପ୍ରକାର ଦେଖି କିଛିଟା ସାବଧାନ ରହିଲେ ଅନ୍ତତଃ ଏ ଦୁଃଖକୁ ପ୍ରଶମନ କରାଯାଇପାରେ।

ବନ୍ୟା:- ପ୍ରାକୃତିକ ବନ୍ୟା ଦୁଇପ୍ରକାର । ଅତ୍ୟଧିକ ବର୍ଷା ଜନିତ ବନ୍ୟା ଏବଂ ପାହାଡ ଶିର୍ଷର ଗଚ୍ଛିତ ତୁଷାର ଖରାଦିନେ ତରଳିବା କାରଣରୁ ନିମ୍ନ ଦେଶରେ ସୃଷ୍ଟି ହୋଇଥିବା ବନ୍ୟା। ବନ୍ୟା ଭାରତ ବିଶେଷ କରି ଓଡିଶାର ଚିରସହଚର। ବନ୍ୟା ପୁଣି ପ୍ରାକୃତିକ ଏବଂ ମନୁଷ୍ୟକୃତ । ଜଳ ଭଣ୍ଡାରରୁ ଉଦ୍‌ବୃତ୍ତ ପରିମାଣ ଜଳକୁ ଛାଡିବା ଦ୍ୱାରା ତଳମୁଣ୍ଡରେ ଯେଉଁ ବନ୍ୟା ସୃଷ୍ଟି ହୁଏ ତାହା ମଣିଷକୃତ। ପୂର୍ବସୂଚନା ଥିଲେ ଅନ୍ତତଃ ବନ୍ୟାରୁ ଆମ ଜୀବନକୁ ରକ୍ଷା କରିପାରିବା। ତଥାପି ବୁଝିବାକୁ ହେବ ଯେ ବନ୍ୟା ଉପରେ କାହାର ହାତ ନାହିଁ। ଅବଶ୍ୟ ପ୍ରଶମିତ କରିବାର ଉପାୟ ଅଛି।

ବାତ୍ୟା:- ସମୁଦ୍ର ମଧ୍ୟରେ ଲଘୁଚାପ ଜନିତ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପ୍ରବଳ ବେଗରେ ପବନ ବହିବା ସହିତ ବର୍ଷା ହେଲେ , ତାକୁ ବାତ୍ୟା କୁହନ୍ତି। ଏହା ସ୍ଥଳ ଭାଗରେ ପ୍ରବାହିତ ହେଲେ, ପ୍ରଭୂତ ଧନଜୀବନ ତଥା ଜୀବଜଗତର କ୍ଷତି କରାଏ। ସମୁଦ୍ରରେ ପ୍ରବଳ କୁଆର ଉଠିବା କାରଣରୁ ସମୁଦ୍ର କୂଳବର୍ତ୍ତୀ ଗାଁଗଣ୍ଡା, କୃଷିକ୍ଷେତ୍ର ଏବଂ ଜନଜୀବନ ବିପର୍ଯ୍ୟସ୍ତ ହୋଇଥାଏ।

ପବନର ଗତି ପ୍ରାୟତଃ ୧୦୦ କିଲୋମିଟର ଟପିଲେ ଏହାକୁ ସାଧାରଣ ବାତ୍ୟା କୁହାଯିବ। ୧୫୦ ରୁ ୨୦୦ କିଲୋମିଟିର ମଧ୍ୟରେ ପ୍ରବାହିତ ହେଲେ, ଏହାକୁ ଅତିଭୟଙ୍କର ଝଡ ବା ସିଭିୟର ସାଇକ୍ଲୋନିକ ଷ୍ଟର୍ମ କୁହାଯିବ। ଏହା ୨୦୦/୨୨୦ କିଲୋମିଟରକୁ ଟପିଲେ, ଏହାକୁ ମହାବାତ୍ୟା କୁହାଯାଏ । ନିକଟରେ ଅକ୍ଟୋବର ୧୨-୧୩ ରେ ଘଟିଥିବା 'ଫାଇଲିନ' ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମର ଅର୍ନ୍ତଗତ ଅଥଚ ୧୯୯୯ ମସିହାରେ ଓଡିଶାରେ ଘଟିଥିବା ବାତ୍ୟାର ବେଗ ୨୫୦ରୁ ୨୬୦ କି.ମି ଥିବାରୁ ଏହା ସୁପର ସାଇକ୍ଲୋନ ବା ମହାବାତ୍ୟା ଥିଲା। ଏଥିରୁ ମୁକ୍ତି ପାଇଁ ଯଃ ପଳାୟତି, ସଃ ଜୀବତି ନ୍ୟାୟାରେ ଯଦି ବାତ୍ୟାର ପୂର୍ବ ସୂଚନା ପାଇ ଆମେ ନିରାପଦ ସ୍ଥାନକୁ ଚାଲିଯାଉ, ତେବେ ବଂଚିବାର ସମ୍ଭାବନା ଅଛି।

ଭୂମିକଂପ:- ଭୂମିକଂପ ହେଉଛି ଭୂ ପୃଷ୍ଠର ଅଲୋଡନ ଏବଂ ପରିବର୍ତ୍ତନ। ଏହା କେବେ ହେବ, ସାଧାରଣତଃ ଆଗରୁ ତା'ର ସୂଚନା ନଥାଏ । ମାତ୍ର ଭୂମିକଂପ ଅଂଚଳ ଆଗରୁ ନିରୁପିତ ହୋଇଥାଏ । ତାହାକୁ ଦୃଷ୍ଟିରେ ରଖି ସେ ସ୍ଥାନର ଲୋକେ ପୂର୍ବ ଯୋଜନା ପ୍ରସ୍ତୁତ କରି ରହିବା ଉଚିତ୍।

ସୁନାମି:- ସମୁଦ୍ର ତଳେ ବଡ ଧରଣର ଭୂମିକଂପ, ସ୍ତରଚ୍ୟୁତି ଅଥବା ଅଗ୍ନେୟଗିରି ଉଦ୍‌ଗୀରଣ ହେଲେ, ସମୁଦ୍ରରେ ସୃଷ୍ଟି ହେଉଥିବା ବିଶାଳ ଏବଂ ଅତି ବେଗଗାମୀ ତରଂଗକୁ ସୁନାମୀ କୁହନ୍ତି । ଗଭୀର ମହାସାଗରକୁ ଅତିକ୍ରମ କରୁଥିବା ତରଂଗର ବେଗ ୮୦୦ରୁ ୧୦୦୦ କି.ମି ହୋଇପାରେ। ଏଠାରେ ଦୁଇଟି ତରଂଗର ଶିର୍ଷର ଦୂରତା ୧୫୦ କି.ମି ଥାଏ। ତରଂଗର ଉଚ୍ଚତା ୧ମିଟର ଯାଏଁ ରହେ। ଅଗଭୀର ଜଳରେ ସମୁଦ୍ର ନିକଟବର୍ତ୍ତୀ ଅଂଚଳରେ ଏହାର ବେଗ ହ୍ରାସ ପାଏ ସତ, ମାତ୍ର ଉଚ୍ଚତା ୪୦ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଏ। ଏକ ବଡ ସୁନାମୀ ଭୂଭାଗ ମଧ୍ୟକୁ ୧.୫କି.ମି ଯାଏଁ ବ୍ୟାପକ କ୍ଷତି କରିଥାଏ। ୨୦୦୪ ମସିହା ଡିସେମ୍ବର ୨୬ ତାରିଖରେ ତାମିଲନାଡୁ ଓ ଆନ୍ଧ୍ର ଉପକୂଳରେ ସଂଗଠିତ ସୁନାମୀ ଆମ ପାଇଁ ଏକ ଭୟଙ୍କର ଦୃଷ୍ଟାନ୍ତ।

ଅଗ୍ନିକାଣ୍ଡ:- କଥାରେ ଅଛି ଘର ପୋଡି ଠାରୁ ବିପତ୍ତି ନାହିଁ, ଘୋଡା ଚଢା ଠାରୁ ସଂପତ୍ତି ନାହିଁ। ନୁଆଣିଆ ଚାଳଘର , ଗ୍ରାମାଂଚଳର ଲଗାଲଗି ହୋଇ ରହିଥିବା ଘର ସମୂହ, ଧାନ ଗଦା, ପାଳଗଦା, ନଡାଗଦା ଏବଂ ଝୋଟଗଦା ଇତ୍ୟାଦି ଅଗ୍ନିକାଣ୍ଡ ବିପର୍ଯ୍ୟୟ ଅନ୍ତର୍ଗତ। ଏବେକୁ ବିଦ୍ୟୁତ୍ ସରବରାହ ତ୍ରୁଟି ଇତ୍ୟାଦି ଯୋଗୁ ମଧ୍ୟ ଅଗ୍ନିକାଣ୍ଡ ଘଟେ। ତେବେ ଏଗୁଡିକ ଆମ ଅସାବଧାନତା ଓ ଅସତର୍କତା କାରଣରୁ ସମ୍ଭବ ହୋଇଥାଏ।

ପାହାଡି ବନ୍ୟା:- ଖୁବ୍ କମ୍ ସମୟରେ ଅତ୍ୟଧିକ ବର୍ଷା ହେଲେ, ପାହାଡି ବନ୍ୟା ସୃଷ୍ଟି ହୁଏ। ଏହା ଖୁବ୍ କମ୍ ସାମୟିକ ହେଲେ ହେଁ, ବନ୍ୟା ପରି ବହୁ କ୍ଷତି କାରକ।

ଭୂସ୍କଳନ:- ପ୍ରାକୃତିକ ବା ଅନ୍ୟାନ୍ୟ କାରଣରୁ ମାଟି ଓ ପଥରର ଏକ ବଡ ସ୍ରୋତ ବର୍ହିମୁଖୀ ବା ନିମ୍ନ ମୁଖୀ ଚଳନ ହେଲେ, ତାହାକୁ ଭୂସ୍କଳନ ବା ଭୂପାତ କୁହାଯାଏ। ଅନେକ ସମୟରେ ପ୍ରବଳ ବର୍ଷା ଏହାର ମୁଖ୍ୟ କାରଣ ହୋଇପାରେ। ଏହା ନିମ୍ନ ଦେଶରେ ଥିବା ଜୀବ ଜଗତର ବିଶେଷ କ୍ଷତି ଘଟାଏ।

ଆମେ ଏଠାରେ ଭାରତରେ ବିପର୍ଯ୍ୟୟ ସୃଷ୍ଟି କରୁଥିବା କେତେକ ପ୍ରାକୃତିକ ଶକ୍ତିର ଉଦାହରଣ ଦେଲେ । ଏକଥା ମଧ୍ୟ କହି ରଖୁଛୁ ଯେ ଏଗୁଡିକ ରୋକିବା ଆମ୍ଭ ମାନଙ୍କ ପକ୍ଷରେ ସମ୍ଭବ ନୁହେଁ। ଏଣୁ ଯାହାକୁ ଆମେ ପ୍ରତିହତ ନ କରି ପାରିବା, ତାଠୁ ନିଜର ସୁରକ୍ଷା କଥା ଚିନ୍ତା କରିବା ଜରୁରୀ। ନଚେତ୍ ଆମେ ଶିକାର ହେବା। ଏଣୁ ଏମିତି କିଛି କରିବା ଯାହା ଦ୍ୱାରା ଦୁଃଖକୁ ଏଡାଇ ନପାରିଲେ ବି ଲାଘବ ବା ପ୍ରଶମନ କରିପାରିବା। ଏଥିପାଇଁ ସଚେତନତାର ଆବଶ୍ୟକତା ଅଛି। ଦୃଷ୍ଟାନ୍ତ ସ୍ୱରୂପ କହିବୁ ଯେ ୧୯୯୯ ମସିହାରେ ମହାବାତ୍ୟା ପ୍ରତି ଆମର ସଚେତନତା ତଥା ସତର୍କତାର ଅଭାବ ହେତୁ ଅନ୍ୟାନ୍ୟ କ୍ଷତି ସହ ପାଖାପାଖି ୧୨୦୦୦ ଲୋକ ଓଡିଶାର ଉପକୂଳ ଅଂଚଳରୁ ପ୍ରାଣ ହରାଇଲେ। ହିରୋସୀମା ଓ ନାଗାସାକି ବିସ୍ଫୋରଣ ପରି ଏହା ଓଡିଶା ବାସୀଙ୍କ ହୃଦୟରେ ଏକ ଅଲିଭା ଦାଗ। ଅଥଚ ୨୦୧୩ ମସିହା ଅକ୍ଟୋବର୧୨-୧୩ର ଫାଇଲିନ ଓ ବନ୍ୟାରେ ମାତ୍ର ୨୬ ଜଣ ପ୍ରାଣ ହରାଇଲେ। ଏହାର କାରଣ ଏହି ଯେ ଆମର ଏଥିକୁ ପୂର୍ବ ସୂଚନା ଥିଲା । ଅନ୍ୟପକ୍ଷରେ ୧୯୯୯ର ଅନୁଭୁତି ଆମକୁ ବଂଚାଇବାରେ ଆମକୁ ପ୍ରେରଣା ଦେଲା। ଏଥିପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ସ୍ୱେଚ୍ଛାସେବୀ ସଂସ୍ଥାଙ୍କ ତରଫରୁ ଲୋକମାନଙ୍କୁ ବଂଚାଇବାରେ ନାନାମତେ ଯଥାସାଧ୍ୟ ଚେଷ୍ଟା କରାଯାଇଛି। ଏଥିରେ ଓଡିଶା ସରକାରଙ୍କର ଭୂମିକା ବିଶ୍ୱ ବିଦିତ। ବାତ୍ୟା ପୂର୍ବରୁ ଲୋକଙ୍କୁ ତଥା ଗୃହପାଳିତ ପଶୁମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟସରକାରଙ୍କ ସୈନ୍ୟ ଓ ସେବା ଦଳ ଯଥା ସମୟରେ ସହଯୋଗ ପାଇଁ ଉପସ୍ଥିତ ଥିଲେ। ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ମତେ ରନ୍ଧା ଖାଦ୍ୟ, ଶୁଷ୍କ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ସେବା ସହଯୋଗ ଯୋଗାଇ ଦିଆଯାଇଛି । ଲୋକଙ୍କ ଜୀବନ ରହିଗଲା ସତ, ସବୁସତ୍ତ୍ୱେ ଅପୂରଣୀୟ କ୍ଷତି ହେବା କଥା ହେଲା।

ପ୍ରତିଟି ରାଜ୍ୟ, ଦେଶ ତଥା ଆନ୍ତର୍ଜାତିକ ସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ବର୍ତ୍ତମାନ ଏକ ଆହ୍ୱାନ ସାଜିଛି। ଏହାର ମୁକାବିଲା ତଥା ପ୍ରଶମନ ପାଇଁ ଆମ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (Odisha State Disaster Mitigation Authority : OSDMA) ଦାୟିତ୍ୱ ନେଇଛନ୍ତି। ସେମିତି ଜାତୀୟ ସ୍ତରରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ (National Disaster Management Authority : NDMA) ଏହାର ଦାୟିତ୍ୱ ବହନ କରିଛନ୍ତି। ପ୍ରତିବର୍ଷ ୨୯ ଅକ୍ଟୋବରକୁ ଜାତୀୟ ବିପର୍ଯ୍ୟୟ ଦିବସ ରୂପେ ପାଳିତ ହୋଇଆସୁଅଛି। ଅନ୍ତର୍ଜାତିକ ସ୍ତରରେ ଏହାର ଦାୟିତ୍ୱ ନେଇଛନ୍ତି ମିଳିତ ଜାତିସଂଘର ଆର୍ନ୍ତଜାତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ (International Disaster Reduction : IDR) । ଏହି ସଂସ୍ଥା ତରଫରୁ ପ୍ରତିବର୍ଷ ୧୩ ଅକ୍ଟୋବରକୁ ବିଶ୍ୱବ୍ୟାପି ବିପର୍ଯ୍ୟୟ ପ୍ରଶମନ ଦିବସ (International Day For Disaster) ରୂପେ ପାଳନ କରାଯାଏ।

ବିପର୍ଯ୍ୟୟମାନଙ୍କୁ ରୋକି ହେବ ନାହିଁ, ଏହା ସତ୍ୟ। ଏମାନେ ଆମକୁ କ୍ଷତି ପହଂଚାଇବା କଥାଟି ନିଶ୍ଚିତ । ହେଲେ, ଧନ ଯାଉ ପଛେ, ଜୀବନ ଟିକକ ରହୁ । ଜୀବନ ଥିଲେ କେତେ ମଥୁରା, କେତେ ବୃନ୍ଦାବନ, କେତେ ଗୋପପୁର ସୃଷ୍ଟି କରିହେବ। ଏଣୁ ଏହି ପ୍ରାକୃତିକ ବିପର୍ଯ୍ୟୟ ଶକ୍ତି ଗୁଡିକର ଆଗମନ ସଂପର୍କରେ ସାମାନ୍ୟ ସୂଚନା ପାଇ ଯଦି ଆତ୍ମରକ୍ଷା ପାଇଁ ଆମେ ବାଟ ଖୋଜିବା , ଅନ୍ତତଃ ନିଜକୁ ବଂଚାଇପାରିବା ତ । ଏହି ପରି ଏକ ପ୍ରଶମନ ସଚେତନତାର ସୃଷ୍ଟିପାଇଁ ତଥା ବିପର୍ଯ୍ୟୟମାନଙ୍କର ଆହ୍ୱାନକୁ ମୁକାବିଲା ପାଇଁ ଏପରି ଜାତୀୟ ଏବଂ ଆନ୍ତର୍ଜାତୀୟ ଦିବସ ଗୁଡିକର ପାଳନର ଯଥାର୍ଥତା ଅଛି।

+ ଅଧ୍ୟକ୍ଷ, ଓଡିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ ବିକାଶ ନଗର, ଜଟଣୀ, ଖୋର୍ଦ୍ଧା
(ମୋ)୯୯୩୮୩୪୪୧୩୮

ଶୀତୁଆ ସକାଳରେ କରନ୍ତୁ ଏସବୁ କାମ

ଶୀତଦିନରେ ଥଣ୍ଡା ସକାଳରେ ଶେଯ ଛାଡିବାକୁ ସହଜରେ ମନ ହୋଇନଥାଏ । ହେଲେ ପ୍ରାତବେଳା ଶଯ୍ୟା ତ୍ୟାଗ କରି କିଛି ସମୟ ଖରାରେ ବସିଲେ ଶରୀରକୁ ଜରୁରୀ ପୋଷକ ତତ୍ତ୍ୱ ମିଳିଥାଏ । ଯୁବତୀମାନେ ନିଜ ତ୍ୱଚାକୁ ଉତ୍ତମ ଖୋରାକ୍ ଯୋଗାଇବାକୁ ଚାହୁଁଥିଲେ, ଏହି ନିୟମ ଆପଣାନ୍ତୁ । ଏହାଦ୍ୱାରା ଶରୀରକୁ ଭିଟାମିନ୍ ଡି ମିଳିବା ସହ ବିଭିନ୍ନ ରୋଗରୁ ମଧ୍ୟ ରକ୍ଷା ମିଳେ ।

- ଶୀତର ପ୍ରତ୍ୟେକ ସକାଳରେ ୨୦ରୁ ୨୫ ମିନିଟ୍ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ବସିବା ଅଭ୍ୟାସ କରନ୍ତୁ । ଏହାଦ୍ୱାରା ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ ସୃଷ୍ଟି ହୋଇଥାଏ, ଯାହା ରାତ୍ରୀରେ ସୁନିଦ୍ରା ପାଇଁ ସହାୟକ ।
- ମେଦ ହ୍ରାସ କରିବାକୁ ଚାହୁଁଥିଲେ ଯୁବତୀ-ମହିଳା ପ୍ରତ୍ୟେହ ଭୋରବେଳା ଖରାରେ ବସିବା ଉପକାରୀ ।
- ପ୍ରସବ ପରେ ମହିଳାମାନେ ଏହି ଋତୁରେ ସକାଳେ ଖରାରେ ବସିବା ଭଲ । ଏହା ସେମାନଙ୍କ ହାଡ ମଜବୁତ କରିବା ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା କମ୍ କରେ ।
- ଏପରିକି ସକାଳର ଏହି ଖରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇଥାଏ ।

ରକ୍ତଚାପ ମାପୁଥିବା ସ୍ମାର୍ଟଘଣ୍ଟା

କଚଟିରେ ପିନ୍ଧିବା ପରେ ରକ୍ତଚାପ ମାପି ପାରୁଥିବା ବିଶ୍ୱର ପ୍ରଥମ ସ୍ମାର୍ଟ ଘଣ୍ଟା ପ୍ରସ୍ତୁତ ହୋଇଛି । ଓମରନ କମ୍ପାନୀ ଏହି ଘଣ୍ଟା ପ୍ରସ୍ତୁତ କରିଥିବା ବେଳେ ଏହା ରାତିସାରା ହୃତସ୍ପନ୍ଦନ ଏବଂ ନିଦ ଠିକ୍ ହେଉଛି କି ନାହିଁ ବୋଲି ମାପି ଜଣାଇପାରୁଛି । ତେବେ ଶୋଇଥିବା ବେଳେ ମଣିଷର ରକ୍ତଚାପରେ କୌରସି ପରିବର୍ତ୍ତନ ହେଲେ, ତାହା ଏହି ଘଣ୍ଟା ଜାରିପାରୁନାହିଁ । ଏକ ଆପ୍ ସହାୟତାରେ ଏହି ଘଣ୍ଟା ପରିଚାଳିତ ହେଉଥିବା ବେଳେ ବ୍ୟବହାରକାରୀ ସେମାନଙ୍କ ରକ୍ତଚାପର ରେକର୍ଡ ଏବଂ ହୃତସ୍ପନ୍ଦନ ସହିତ ନିଦର ରେକର୍ଡ ରଖିପାରିବେ । ଆମେରିକାର ଏଫଡିଏ ଏହି ଘଣ୍ଟାକୁ ଅନୁମୋଦନ ଦେଇସାରିଛି । ଖୁବ୍ ଶୀଘ୍ର ଏହା ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

କିପରି ନେବା ଆଖିର ଯତ୍ନ

ଆଖି ଆମ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଆଖି ଦ୍ୱାରା ଆମେ ଏଇ ସୁନ୍ଦର ସଂସାର ଦେଖି ପାରୁଛେ କିନ୍ତୁ ବୟସ ବୃଦ୍ଧି ସହିତ ଆଜିର ଲାଇଫଷ୍ଟାଇଲ ଓ ପ୍ରଦୂଷଣ ଯୋଗୁଁ ଖୁବ କମ ବୟସରେ ଲୋକଙ୍କ ଦୃଷ୍ଟି ଶକ୍ତି ହ୍ରାସ ପାଇବାରେ ଲାଗିଛି । ଫଳରେ ଆମକୁ ଚଷମାର ସାହାଯ୍ୟ ନେବାକୁ ପଡୁଛି । ଘରୋଇ ଉପାୟରେ କିପରି ଆଖିର ଯତ୍ନ ନିଆଯାଇପାରିବ ଆସନ୍ତୁ ଜାଣିବା । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଆଖିରେ ସୋରିଷ ତେଲ କିମ୍ବା ଦେଶୀ ଘିଅ ଲଗାନ୍ତୁ । ନିୟମିତ ଅନୁଲୋମ-ବିଲୋମ, ପ୍ରାଣାୟମ କରନ୍ତୁ ଏବଂ ସକାଳେ ଖୋଲା ପାଦରେ ଘାସରେ ଚାଲନ୍ତୁ । ଅଁଳା ପାଣିରେ ଆଖିକୁ ଧୁଅନ୍ତୁ । ଏହା ସହିତ ରାତିରେ ଦୁଇ ଟୋପା ଗୋଲାପ ଜଳ ଆଖିରେ ପକାନ୍ତୁ । ଆଖିରୁ ପାଣି ଝରିବା, ଧରିବା ଓ ଦୁର୍ବଳତା ଦେଖାଦେଲେ ରାତିରେ ୮ଟି ବାଦାମ ଭିଜାଇ ସକାଳେ ତାକୁ ବାଟି ପିଇବା ଦ୍ୱାରା ଏପରି ରୋଗରୁ ଉପଶମ ମିଳିଥାଏ । ଆଖି ପାଇଁ କଦଳୀ ଓ ଆଖୁ ଲାଭକାରୀ ଖାଦ୍ୟ । ଏକ ଗ୍ଲାସ୍ ଲେମ୍ବୁ ପାଣି ପିଇବା ଦ୍ୱାରା ଆଖି ସମ୍ବନ୍ଧୀୟ ରୋଗରୁ ରକ୍ଷା ମିଳିଥାଏ ।



ଦୀପାବଳିରେ ଏହି ୫ଟି ଉପାୟ କରି ମା' ଲକ୍ଷ୍ମୀଙ୍କୁ କରନ୍ତୁ ପ୍ରସନ୍ନ

ଆସୁଛି ଆଲୋକର ପର୍ବ ଦୀପାବଳି। ଭାରତର ପ୍ରାୟ ପ୍ରତି କୋଣରେ ଏହି ଉତ୍ସବ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଚଳିତ ବର୍ଷ ଏହି ପର୍ବ ନଭେମ୍ବର ୪ ତାରିଖରେ ପାଳନ କରାଯିବ। ଦୀପାବଳିରେ ମା' କାଳୀଙ୍କ ପୂଜା ସହ ମା' ଲକ୍ଷ୍ମୀଙ୍କର ମଧ୍ୟ ପୂଜା କରାଯାଏ। କୁହାଯାଏ, ଏହି ପୂଜାରେ ପ୍ରସନ୍ନ ହୋଇ ମା' ଲକ୍ଷ୍ମୀ ଯଦି ଆପଣଙ୍କ ଗୃହକୁ ପ୍ରବେଶ କରନ୍ତି, ତା'ହେଲେ ଆପଣଙ୍କ ଘରର ସମସ୍ତ ଦୁଃଖ କଷ୍ଟ ଦୂର ହୋଇଯିବ। ତେବେ ଏଥିପାଇଁ ଆପଣଙ୍କୁ ପୂଜା ପୂର୍ବରୁ କିଛି ଉପାୟ ଆପଣାଇବାକୁ ପଡ଼ିବ। ଆସନ୍ତୁ ଜାଣିବା, ସେହି ଉପାୟଗୁଡ଼ିକ କ'ଣ ?

୧) ଦୀପାବଳିରେ ଅଶ୍ୱତ୍ଥ ଗଛରୁ ଏକ ପତ୍ରକୁ ଛିଡ଼ାଇ ଆଣି ଭଲ ଭାବରେ ଧୋଇ ଏଥିରେ ସିନ୍ଦୁରରେ କିମ୍ବା ଲାଲ୍ ରଙ୍ଗରେ 'ଓଁ ମହାଲକ୍ଷ୍ମୈ ନମଃ' ଲେଖି ପୂଜା ସ୍ଥାନରେ ରଖନ୍ତୁ।

୨) ଦୀପାବଳି ସନ୍ଧାରେ ଲକ୍ଷ୍ମୀଙ୍କ ପୂଜା ହେବା ପୂର୍ବରୁ ଲବଙ୍ଗ ଓ ଗୁଳୁରାଚିର ମିଶ୍ରଣ ପ୍ରସ୍ତୁତ କରନ୍ତୁ। ପୂଜା ଆରମ୍ଭ କରିବା ପୂର୍ବରୁ ପ୍ରଥମେ ସମସ୍ତ ଦେବାଦେବୀଙ୍କୁ ଏହି ମିଶ୍ରଣକୁ ଟିକା ଭାବେ ଲଗାନ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଅମରୀନ୍ଦରଙ୍କ ନୂଆ ସ୍ୱପ୍ନ...

ସବୁ ଆଶା ଆଶଙ୍କା ଉପରୁ ପର୍ଦ୍ଦା ହଟାଇଛନ୍ତି କ୍ୟାପ୍ଟେନ ଅମରୀନ୍ଦର ସିଂହ । ବୁଧବାର ଦିନ କ୍ୟାପ୍ଟେନ ସିଂହ ସ୍ପଷ୍ଟ କରିଛନ୍ତି ଯେ ଖୁବ୍ ଶୀଘ୍ର ସେ ଏକ ନୂଆ ରାଜନୈତିକ ଦଳ ଗଢ଼ିବାକୁ ଯାଉଛନ୍ତି ଯାହା ପଞ୍ଜାବରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ଏବଂ ତାଙ୍କ ଦଳ ଭାରତୀୟ ଜନତା ପାର୍ଟି (ବିଜେପି) ସହିତ ଆସନ ବୁଝାମଣା କରିବ । ଅମରୀନ୍ଦର ସିଂହ ଆହୁରି କହିଛନ୍ତି ଯେ ପଞ୍ଜାବର ୧୧୭ଟି ଯାକ ଆସନରେ ତାଙ୍କ ଦଳ ପ୍ରାର୍ଥୀ ହେବ ଏବଂ କଂଗ୍ରେସ ନେତା ନଭଜୋତ ସିଂହ ସିଦ୍ଧୁଙ୍କ ସହ ଲଢ଼ିବା ତାଙ୍କ ଦଳର ମୁଖ୍ୟ ଲକ୍ଷ୍ୟ । ଏହା ସ୍ପଷ୍ଟ କରିଛି ଯେ ଅମରୀନ୍ଦର ସିଂହ ପଞ୍ଜାବ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଯେଉଁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶଙ୍କା କରାଯାଉଥିଲା ସେ ରହସ୍ୟ ଉନ୍ମୋଚିତ ହୋଇଛି । କଂଗ୍ରେସ ପଞ୍ଜାବରୁ କ୍ଷମତାଚ୍ୟୁତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ । ନଭଜୋତ ସିଂହ ସିଦ୍ଧୁ ତାଙ୍କ ବିରୁଦ୍ଧରେ ଯେଉଁଭଳି ଖୋଲାଖୋଲି ଭାବେ ବିଦ୍ରୋହ କରି ତାଙ୍କୁ କ୍ଷମତାରୁ ହଟାଇଛନ୍ତି ଏବେ ସେ ତା'ର ପ୍ରତିଶୋଧ ନେବା ପାଇଁ ମୈଦାନ ପ୍ରସ୍ତୁତ କରୁଛନ୍ତି । ତେଣୁ ନୂତନ ଦଳ ଗଠନ ସହିତ ବିଜେପି ସହ ଆସନ ବୁଝାମଣାର ଅର୍ଥ ହେଉଛି କ୍ଷମତାସୀନ କଂଗ୍ରେସକୁ ଆଗାମୀ ନିର୍ବାଚନରେ ହଟାଇବା । ଏହି ଯୋଜନାରେ ସେ କେତେଦୂର ସକ୍ଷମ ହେଉଛନ୍ତି ତାହା ଭିନ୍ନ କଥା । କିନ୍ତୁ କଂଗ୍ରେସ ସେଠାରେ ନେତୃତ୍ୱ ପରିବର୍ତ୍ତନ କରି ଏକ ବଡ଼ ସଂକଟକୁ ଯେ ଆମନ୍ତ୍ରଣ କରିଛି ତାହା ବୁଝିବାକୁ ଆଉ କାହାକୁ ବାକି ରହିଲା ନାହିଁ । ଏବେ ଆଉ କେତେଗୋଟି ଘଟଣାକ୍ରମକୁ ମଧ୍ୟ ଲକ୍ଷ୍ୟ କରିବା କଥା । ସେଥିରୁ ପ୍ରଥମଟି ହେଉଛି କ୍ୟାପ୍ଟେନ ନୂଆ ଦଳ ଗଠନ କରିବା ପରେ ତାଙ୍କର କେତେଜଣ ଅନୁଗତ ନେତା କଂଗ୍ରେସ ଦଳ ଛାଡ଼ି ତାଙ୍କ ସହ ହାତ ମିଳାଉଛନ୍ତି । ସେମାନେ ରାଜ୍ୟ ରାଜନୀତିରେ କେତେ ପ୍ରଭାବଶାଳୀ ଏବଂ ଆଗାମୀ ବିଧାନସଭା ନିର୍ବାଚନରେ ସେମାନଙ୍କୁ ଟିକେଟ ମିଳିଲେ ସେମାନେ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇବା ନିମନ୍ତେ କେତେଦୂର ସକ୍ଷମ ହୋଇପାରିବେ । ଏହାଛଡ଼ା ଅନ୍ୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ମହତ୍ତ୍ୱ ବହନ କରେ ତାହା ହେଲା କ୍ୟାପ୍ଟେନଙ୍କ ନୂଆ ଦଳ ବିଜେପି ସହିତ କେଉଁ ଅନୁପାତରେ ଆସନ ବୁଝାମଣା କରିବ? ଏବଂ ସବୁଠାରୁ ଯେଉଁ ପ୍ରଶ୍ନଟି ଅଧିକ ଉତ୍କଣ୍ଠାପୂର୍ଣ୍ଣ ତାହା ହେଲା, ଅମରୀନ୍ଦର ସିଂହ ଏବଂ ବିଜେପି ମେଣ୍ଟ ପଞ୍ଜାବରେ ସରକାର ଗଢ଼ିବା ଭଳି ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ସକ୍ଷମ ହେବ କି? ପଞ୍ଜାବରେ ଏବେ କଂଗ୍ରେସ ଯେଉଁଭଳି ଗୋଷ୍ଠୀ ବିବାଦ ସ୍ଥିତିରେ ରହିଛି ଆଗାମୀ ବିଧାନସଭା ନିର୍ବାଚନରେ ତାହା କ୍ଷତିଗ୍ରସ୍ତ ହେବା ପ୍ରାୟ ସୁନିଶ୍ଚିତ । ୨୦୨୨ ମସିହା ମାର୍ଚ୍ଚ ମାସ ମଧ୍ୟରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ କଂଗ୍ରେସ ପୁଣିଥରେ କ୍ଷମତାକୁ ଫେରିବା ନିମନ୍ତେ ପ୍ରୟାସ କରିବା ପରିବର୍ତ୍ତେ ସେଠାରେ ଭିନ୍ନ ଭିନ୍ନ ଗୋଷ୍ଠୀଙ୍କୁ ଲଢ଼େଇ ଏକ ବିଚିତ୍ର ପରୀକ୍ଷା ନିରୀକ୍ଷା କରୁଛି । ସାରା ଦେଶରେ ବର୍ତ୍ତମାନ କଂଗ୍ରେସର ସ୍ଥିତି ଯାହା ସେଥିରେ ପଞ୍ଜାବରେ ପୁଣିଥରେ ଦଳ କ୍ଷମତାକୁ ଲେଉଟିବା ପାଇଁ ପ୍ରବଳ ଉଦ୍ୟମ କରିବାର ଆବଶ୍ୟକତା ରହିଛି । କିନ୍ତୁ ବାସ୍ତବତା ତାହାଠାରୁ ସଂପୂର୍ଣ୍ଣ ଭିନ୍ନ । ଏକାଧିକ ରାଜ୍ୟରେ କଂଗ୍ରେସର ଏଭଳି ଅଭିନବ ଗୋଷ୍ଠୀକନ୍ଦଳ ଏକ୍ସପେରିମେଣ୍ଟ ମହଙ୍ଗା ପଡ଼ିଚି । କିନ୍ତୁ ସେଥିରୁ ଦଳ ସେପରି କିଛି ଶିକ୍ଷାଲାଭ କରିବା ପରି ମନେହୁଏନାହିଁ । ଅମରୀନ୍ଦର ସିଂହ ଏହାର ସର୍ବୋତ୍ତମ ଉଦାହରଣ ମାତ୍ର । ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଇତିପୂର୍ବରୁ ସମାନ ଧରଣର ପରୀକ୍ଷାନିରୀକ୍ଷା କରାଯାଇସାରିଛି । ସେଠାରେ ଗୋଷ୍ଠୀ କନ୍ଦଳର ନିଆଁ ଲାଗିବା ପରେ ଏପର୍ଯ୍ୟନ୍ତ ଧୂଆଁ କୁହୁଳୁଛି । ଅବଶିଷ୍ଟ କଂଗ୍ରେସ ଶାସିତ ରାଜ୍ୟରେ ମଧ୍ୟ ଅବସ୍ଥା ଅନୁରୂପ । ଏହାକୁ ଦୃଢ଼ ନେତୃତ୍ୱର ଅଭାବ ଅବା ଅଧୋପତନର ପୂର୍ବଭାଷ ବୋଲି କୁହାଯିବା ତାହା ଦେଶବାସୀ ବିଚାର କରିବା ଅପେକ୍ଷା ଦଳୀୟ ନେତୃବର୍ଗ ଆତ୍ମସମୀକ୍ଷା କରିବା ଅଧିକ ସମୀଚୀନ ହୋଇପାରେ । ଗୋଟିଏ ରାଜନୈତିକ ଦଳ କେବଳ ନିର୍ବାଚନରେ ଜିଣି ଶାସନ କ୍ଷମତା ଅକ୍ତିଆର ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଦେଶବାସୀଙ୍କୁ ସୁଶାସନ ଓ ଦେଶର ଉନ୍ନତି ପାଇଁ ଅଧିକ ଅଭିପ୍ରେତ ହେବା ବାଞ୍ଛନୀୟ । କଂଗ୍ରେସ ସେହି ମାନଦଣ୍ଡରେ ଏବେ କେଉଁ ସ୍ଥାନରେ ରହିଛି ତାହା ବିଚାର୍ଯ୍ୟ ।

ଜନଜାତି ସମାଜର ପୀଡା ଓ ଡ. କାର୍ତ୍ତିକ ଓରାଓଁ

ଡ. ସମନ୍ୱୟ ନନ୍ଦ

ଡ. କାର୍ତ୍ତିକ ଓରାଓଁ ଭାରତର ଜନଜାତୀୟ ସମାଜର ଅଧିକାରର ଲଢେଇର ଅଗ୍ରଦୂତ ଥିଲେ । ଜନଜାତି ସମାଜରୁ ମତାନ୍ତରିତ ହୋଇ ଯାଇଥିବା ଲୋକମାନଙ୍କୁ ସଂରକ୍ଷଣ ଓ ଅନ୍ୟ ସୁବିଧାର ଲାଭ କିପରି ନ ମଳିବ ସେ ନେଇ ସେ ଅନେକ ପ୍ରୟାସ କରିଥିଲେ । ତାଙ୍କର ସ୍ପଷ୍ଟ ମତ ଥିଲା ଯେ ମତାନ୍ତରିତ ହୋଇ ଯାଇଥିବା ଲୋକମାନେ ସେମାନେ ନିଜର ସଂସ୍କୃତି ଓ ପରମ୍ପରାରୁ କଟି ବିଦେଶୀ ସଂସ୍କୃତି ଆପଣାଇ ନେଇଥାନ୍ତି ତେଣୁ ସେମାନଙ୍କୁ ସଂରକ୍ଷଣର ଲାଭ ନ ମିଳିବା ଆବଶ୍ୟକ । ବାସ୍ତବରେ ଦେଖିବାକୁ ଗଲେ ଭାରତର ସମସ୍ତ ଜନଜାତୀୟ ସମାଜର ଏହି ଦାବିକୁ ସେ ବାଣୀ ପ୍ରଦାନ କରିଥିଲେ । ଜନଜାତି ବର୍ଗର ଲୋକମାନଙ୍କର ପୀଡାକୁ ସେ ଅତ୍ୟନ୍ତ ଦୃଢତାର ସହ ବ୍ୟକ୍ତ କରିଥିଲେ ।

ଆଜି ହେଉଛି ତାଙ୍କର ଜୟନ୍ତୀ । ଛୋଟନାଗପୁର ଅଂଚଳରେ ଏକ ଜନଜାତୀୟ ପରିବାରରେ ଜନ୍ମ ଗ୍ରହଣ କରିଥିବା କାର୍ତ୍ତିକ ଓରାଓଁ ଜଣେ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ । ତତ୍କାଳୀନ ବିହାର ଓ ବର୍ତ୍ତମାନର ଝାଡଖଣ୍ଡର ଗୁମଲାରୁ ସେ ମେଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ସେ ଅନେକ ଇଂଜିନିୟରିଂର ଡିଗ୍ରୀ ହାସଲ କରିଥିଲେ । ଏହା ପରେ ସେ ଉଚ୍ଚ ଶିକ୍ଷା ପାଇଁ ଲଣ୍ଡନ ଯାଇଥିଲେ । ସେଠାରୁ ଫେରିବା ପରେ ସେ ନିଜକୁ ରାଜନୀତିରେ ସାମିଲ କରି ଲୋକମାନଙ୍କ ସେବାରେ ଲାଗି ଯାଇଥିଲେ । ସେ ସାଂସଦ ଓ ଭାରତ ସରକାରରେ ମନ୍ତ୍ରୀ ଭାବେ କାମ କରିଥିଲେ ।

ଲୋକ ପ୍ରତିନିଧି ଭାବେ କାମ କରୁଥିବା ସମୟରେ ସେ ଦେଶର ଜନଜାତୀୟ ସମାଜର ସମସ୍ୟା ଗୁଡିକୁ ଅତ୍ୟନ୍ତ ନିକଟରୁ ଦେଖିଥଲେ । ଚର୍ଚ ଓ ମିଶନାରୀ ସଂସ୍ଥା ମାନଙ୍କ ଦ୍ୱାରା ସରଳ ଜନଜାତୀୟ ଲୋକ ମାନଙ୍କୁ ମତାନ୍ତରଣ ତାଙ୍କୁ ଖୁବ୍ କଷ୍ଟ ଦେଇଥିଲା । ଜନଜାତୀୟ ସମାଜର ମତାନ୍ତରିତ ହୋଇ ଯାଇଥିବା ଲୋକ ମାନେ କିପରି ସଂରକ୍ଷଣ ବ୍ୟବସ୍ଥାର ଲାଭ ନେଉଛନ୍ତି ଓ ମୂଳ ଜନଜାତୀୟ ଲୋକମାନେ ଏହା ଦ୍ୱାରା କିପରି ସେମାନଙ୍କ ଅଧିକାରରରୁ ବଂଚିତ ହେଉଛନ୍ତି ତାକୁ ମଧ୍ୟ ନିକଟରୁ ଦେଖିଥିଲେ ।

ସମ୍ବିଧାନରେ ଅନୁସୂଚିତ ଜାତି ଓ ଅନୁସୁଚିତ ଜନଜାତି ଉଭୟ ବର୍ଗର ଲୋକମାନଙ୍କ ପାଇଁ ସଂରକ୍ଷଣ ଓ ଅନ୍ୟ ସୁବିଧାର ବ୍ୟବସ୍ଥା କରା ଯାଇଛି । ଅନୁସୁଚିତ ଜାତିର ଲୋକମାନଙ୍କ ସହ ସାମାଜିକ ଭେଦଭାବର ଶୀକାର ହୋଇଥିବା କାରଣରୁ ତାଙ୍କୁ ସଂରକ୍ଷଣର ସୁବିଧା ପ୍ରଦାନ କରା ଯାଇଥାଏ । ସେହିପରି ଅନୁସୂଚିତ ଜନଜାତି ବର୍ଗର ଲୋମାନଙ୍କର ବିଶେଷ ରୀତି ନୀତି,



ସଂସ୍କୃତି, ପରମ୍ପରାକୁ ବଂଚାଇ ରଖି ତାଙ୍କର ବିକାଶ କରିବା ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଛି ।

ଯଦି ଅନୁସୁଚିତ ଜାତି ବର୍ଗର କେହ ବ୍ୟକ୍ତି ମତାନ୍ତରିତ ହୋଇ ଯାଏ ତେବେ ତାକୁ ସଂରକ୍ଷଣର ଲାଭ ମିଳେ ନାହିଁ । ଏହାର ବ୍ୟବସ୍ଥା ସମ୍ବିଧାନରେ ହିଁ ରହିଛି । ହେଲେ ଅନୁସୂଚିତ ଜନଜାତି ମାନଙ୍କ କ୍ଷେତ୍ରରେ ଏପରି ହୁଏ ନାହିଁ । ଏହି ବର୍ଗର କୌଣସି ଲୋକ ମତାନ୍ତରିତ ହେଲେ ସୁଦ୍ଧା ତାକୁ ସଂରକ୍ଷଣର ଲାଭ ମିଳିଥାଏ । ବାସ୍ତବରେ ଏହାକୁ ସମ୍ବିଧାନର ବିସଂଗତି ବୋଲି କୁହାଯାଇପାରିବ ।

ଜନଜାତୀୟ ସମାଜରେ ତାଙ୍କର ରୀତି ନୀତି, ସାମାଜିକ ବ୍ୟବସ୍ଥା, ପାରମ୍ପାରିକ ଉତ୍ସବ ସେମାନଙ୍କ ଆରାଧ୍ୟ ଦେବୀ-ଦେବତା ତଥା ଦେବସ୍ଥାନ ପ୍ରତି ଆସ୍ଥା ଓ ବିଶ୍ୱାସ ଉପରେ ଆଧାରିତ ରହିଥାଏ । କିନ୍ତୁ ଜନଜାତି ସମାଜର କୌଣସି ବ୍ୟକ୍ତି ଯଦି ମତାନ୍ତରିତ ହୋଇ ଖ୍ରୀଷ୍ଟିଆନିଟି ବା ଇସଲାମକୁ ଚାଲି ଯାଏ ତେବେ ସ୍ୱାଭାବିକ କଥା ଯେ ତାର ଆସ୍ଥା ସେହି ଦେବୀ – ଦେବତା ଓ ଦେବ ସ୍ଥାନ ଉପରୁ ଶେଷ ହୋଇ ଯାଏ । ଏହା ସତ୍ତ୍ୱେ ତାକୁ ସଂରକ୍ଷଣର ଲାଭ ମିଳିବା ଜାରୀ ରହିଥାଏ ।

ଜନଜାତି ଲୋକମାନଙ୍କୁ ସୁବିଧା ଓ ଅଧିକାର ନିଜର ସଂସ୍କୃତି, ଆସ୍ଥା, ପରମ୍ପରା ଆଦିର ସୁରକ୍ଷା ଜରିଆରେ ବିକାଶ କରି ସେମାନଙ୍କର ସଶକ୍ତିକରଣ କରିବା ପାଇଁ ସଂରକ୍ଷଣ ସୁବିଧା ଉଦ୍ଦିଷ୍ଟ ଥିଲା। ହେଲେ ଏହି ସୁବିଧାର ଲାଭ ଏବେ ଜନଜାତୀୟ ଲୋକଙ୍କ ପରିବର୍ତ୍ତେ ମତାନ୍ତରିତ ହୋଇ ନିଜ ସଂସ୍କୃତିରୁ କଟି ଯାଇଥିବା ଲୋକମାନେ ଉଠାଉଛନ୍ତି ।

ମତାନ୍ତରିତ ଲୋକ ଯେଉଁ ମାନେ ନିଜ ସଂସ୍କୃତି ଓ ପରମ୍ପରାକୁ ଛାଡି ଖ୍ରିଷ୍ଟିଆନିଟି ଓ ଇସଲାମ ଆପଣାଇ ସାରିଛନ୍ତି ସେମାନେ ଏହି ସଂରକ୍ଷଣର ସିଂହ ଭାଗକୁ ଉପଭୋଗ କରୁଛନ୍ତି। ସେମାନେ ମୂଳ ଜନଜାତି ବର୍ଗ ଲୋକମାନଙ୍କର ଅଧିକାରକୁ ଛଡାଇ ନେଉଛନ୍ତି । ଡ. କାର୍ତ୍ତିକ ଓରାଓଁ ଏହି କଥାକୁ ଖୁବ୍ ଭଲ ଭାବେ ହୃଦୟଙ୍ଗମ କରିଥିଲେ । ତାଙ୍କୁ ଏହି ଅନ୍ୟାୟ ବ୍ୟଥିତ କରିଥିଲା । ତାଙ୍କର ଏହି ଦୁଃଖ ଓ ପୀଡା କେବଳ ତାଙ୍କର ନଥିଲା ବରଂ ଭାରତର ସମ୍ପୂର୍ଣ୍ଣ ଜନଜାତି ସମାଜର ଥିଲା । ସାରା ଦେଶର ଜନଜାତୀୟ ସମାଜ ସହନ କରୁଥିବା ଏହି ଅନ୍ୟାୟକୁ ସେ ବିରୋଧ କରିଥିଲେ। ସମ୍ବିଧାନର ଏହି ଭୟଙ୍କର ବିସଙ୍ଗତି ସମ୍ପର୍କରେ ଡ. ଓରାଓଁ ଦେଶରେ ଏକ ବଡ ବିତର୍କ ଠିଆ କରାଇଥିଲେ । ୧୯୬୭ ମସିହାରେ ସେ ୨୩୫ ଜଣ ସାଂସଦଙ୍କ ସ୍ୱାକ୍ଷର ବିଶିଷ୍ଟ ଏକ ସ୍ମାରକ ପତ୍ର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଦାନ କରିଥିଲେ । ଏଥିରେ କୁହା ଯାଇଥିଲା ଯେ ଜନଜାତି ବର୍ଗର ଯେଉଁ ଲୋକ ମାନେ ମତାନ୍ତରିତ ହୋଇ ଯାଇଛନ୍ତି ସେମାନଙ୍କୁ ଏହି ତାଲିକାରୁ ବାହାର କରା ଯାଉ । ସେମାନଙ୍କୁ ସଂରକ୍ଷଣର ସୁବିଧା ନ ମିଳୁ । ଏ ନେଇ ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ କରାଯାଉ ଯାହା ଫଳରେ ମୂଳ ଜନଜାତି ବର୍ଗର ଲୋକ ମାନଙ୍କ ଅଧିକାରକୁ କେହି ଛଡାଇ ନେଇ ପାରିବେ ନାହିଁ । ସେହିପରି ୧୯୭୦ ମସିହାରେ ପୁଣି ଥରେ ସେ ୩୪୮ ଜଣ ସାଂସଦଙ୍କ ହସ୍ତାକ୍ଷର ବିଶିଷ୍ଟ ଆଉ ଏକ ସ୍ମାରକ ପତ୍ର ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ମଧ୍ୟ ସେ ଏହି ଅନ୍ୟାୟକୁ ରୋକିବା ପାଇଁ ଆବଶ୍ୟକୀୟ ସଂଶୋଧନ ସମ୍ବିଧାନରେ କରିବାକୁ ଦାବି କରିଥିଲେ।

କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଜନଜାତୀୟ ସମାଜର ଏହି ଦାବି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ସେତେବେଳେ ହୋଇ ନଥିଲା । ଆଜି ୫୦ ବର୍ଷରୁ ଊର୍ଧ ବିତି ଯାଇଥିଲେ ସୁଦ୍ଧା ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଆଜି ମଧ୍ୟ ଏହି ଅନ୍ୟାୟ ଜାରୀ ରହିଛି । ଡ. ଓରାଓଁ ଆଜି ନାହାନ୍ତି, ହେଲେ ତାଙ୍କର ଏହି ପୀଡା ଯାହା ସମ୍ପୂର୍ଣ୍ଣ ଜନଜାତି ସମାଜର ପୀଡା ସେହିପରି ରହିଛି ଯେପରି ସେତେବେଳେ ଥିଲା । ଏହା ଠାରୁ ଅଧିକ ଦୁର୍ଭାଗ୍ୟ ଆଉ କଣ ବା ହୋଇ ପାରେ ।

ଆହେ ଦୟାମୟର ସ୍ରଷ୍ଟା ରାମକୃଷ୍ଣଙ୍କ ସ୍ମରଣେ

ପ୍ରଦୀପ୍ତ ଆଚାର୍ଯ୍ୟ

"ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟାବହି ମୋର ଗୁହାରୀ", ଏହି ପ୍ରାର୍ଥନାଟି ଯେ ଓଡିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ସର୍ବାଧିକ ଆଦୃତ ପ୍ରାର୍ଥନା ରୁପେ ପରିଗଣିତ ହେବ ଏବଂ ମହାତ୍ମାଗାନ୍ଧୀ ସାବରମତୀ ଆଶ୍ରମରେ ଥିବା ବେଳେ, ଏହା ତାଙ୍କର ପ୍ରିୟ ପ୍ରାର୍ଥନା ଭାବେ ଗୃହୀତ ହେବ, ଲେଖନୀ ଚାଳନା ବେଳେ ଏହାର ସ୍ରଷ୍ଟା କେବେ ଏକଥା କଳ୍ପନା କରିନଥିଲେ। ସରଳ ସାବଲୀଳ ଭାଷା ଏବଂ ସୁନ୍ଦର ସ୍ୱର ପାଇ, ଏହା ବେଶ୍ ଜନାଦୃତ ହୋଇଥିଲା ଓ ଲେଖକଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟ ପୁସ୍ତକ (ସାହିତ୍ୟ ସୋପାନରେ) ସ୍ଥାନୀତ ହୋଇ ପାରିଥିଲା। ପିଲାଦିନରୁ ବୁଢିମାଆ ପାଖରୁ, ରାଜାପୁଅ, ପରୀ କାହାଣୀ, ଭୁତପ୍ରେତ, ରାମାୟଣ ମହାଭାରତ ଗପ ଶୁଣିବାର ଇଚ୍ଛା ଓ ଆଗ୍ରହ, ଭବିଷ୍ୟତରେ ତାଙ୍କୁ ଜଣେ ବିଶିଷ୍ଟ ଶିଶୁ ସାହିତ୍ୟିକ ରୁପେ ଖ୍ୟାତି ପ୍ରଦାନ କରିଥିଲା। ସେ ହେଉଛନ୍ତି, କଟକ ଜିଲ୍ଲା ବାଇରୋଇ ଗ୍ରାମର, ମଧୁସୂଦନ ନନ୍ଦଙ୍କ ଔରସ ଓ ଧର୍ମପ୍ରାଣା ସ୍ୱର୍ଣଗର୍ଭା ମାତା ଲକ୍ଷ୍ମୀଦେବୀଙ୍କ ଗର୍ଭରୁ ଜାତ ରାମକୃଷ୍ଣ। ଓଡିଶାର ଶିଶୁ ସାହିତ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଏହି ମହାପୁରୁଷ ୧୯୦୬ ମସିହା ଫେବୃୟାରୀ ମାସ ୧୫ ତାରିଖରେ ଜନ୍ମଗ୍ରହଣ କରିଥିଲେ।

ବାଲ୍ୟ କାଳରୁ ଚାଟଶାଳୀ ରେ କୁସୁନୁ ଅବଧାନଙ୍କ ପାଖରୁ ଶିକ୍ଷା ଆରମ୍ଭ କରି, କଂଟାପଡା ନିମ୍ନ ପ୍ରାଥମିକ ବିଦ୍ୟାଳୟ, ନିମାପଡା ଓ ଭିଙ୍ଗାରପୁର ମାଇନର ସ୍କୁଲ, ରେଭେନସା କଲେଜିଏଟ ସ୍କୁଲ ଏବଂ କିଛିଦିନ ପାଇଁ ସତ୍ୟବାଦୀ ବନବିଦ୍ୟାଳୟରେ ହାଇସ୍କୁଲ ଶିକ୍ଷା , ତତ୍ପରେ ରେଭେନସା କଲେଜ୍‌ରେ ଆଇ.ଏ, ଇଂରାଜୀ ସମ୍ମାନ ବିଷୟ ରଖି ବି.ଏ ପାସ୍ କରି ସାରିବା ପରେ, ଏକାଥରେ ଏମ.ଏ, ଏବଂ ଆଇନ ଶିକ୍ଷା ନିମନ୍ତେ ନାମ ଲେଖାଇଲେ। ଅର୍ଥାଭାବରୁ ଆଇନ ଶିକ୍ଷାକୁ ସ୍ଥଗିତ ରଖିଥିଲେ। ତାଙ୍କର ସ୍ମରଣ ଶକ୍ତି ଥିଲା ଅତ୍ୟନ୍ତ ପ୍ରଖର। ତମାମ୍ ଛାତ୍ର ଜୀବନରେ ସେ ବିଭିନ୍ନ ବୃତି ଓ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ। ଖର୍ବକାୟ ଶାରିରୀକ ଗଠନ ନିମନ୍ତେ ତାଙ୍କ ଶିକ୍ଷକ ମାନେ ତାଙ୍କୁ ଶ୍ରଦ୍ଧାରେ ଲିଟିଲ୍ ନନ୍ଦ ବୋଲି ଡାକୁଥିଲେ। ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷା ଗ୍ରହଣ ସମୟରେ, କୃପାସିନ୍ଧୁ ମିଶ୍ର, ଲିଙ୍ଗରାଜ ମିଶ୍ର, ଆଚାର୍ଯ୍ୟ ହରିହର ଦାଶ ଇତ୍ୟାଦି ବରେଣ୍ୟ ଶିକ୍ଷକ ମାନଙ୍କର ସତ୍ୟବାଦିତା, ଚରିତ୍ରବତା ଏବଂ ଶୃଙ୍ଖଳିତ ଆଚରଣ, ରାମକୃଷ୍ଣଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଯାହାଫଳରେ ପରବର୍ତ୍ତୀ ଜୀବନରେ ସେ ଜଣେ ଆଦର୍ଶ, ଶୃଙ୍ଖଳିତ ଏବଂ ଦକ୍ଷ ବ୍ୟକ୍ତି ହିସାବରେ ସମାଜରେ ପ୍ରତିଷ୍ଠିତ ହୋଇପାରିଥିଲେ। ସତ୍ୟବାଦୀ ବନବିଦ୍ୟାଳୟରୁ ଶିକ୍ଷା ସମାପ୍ତି ପରେ, ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ, କଟକ ଜିଲ୍ଲା ବୋର୍ଡ ଅଧୀନରେ, ମାସିକ କୋଡିଏ ଟଙ୍କା ବେତନରେ, ଜଣେ ସୂତାକଟା ଶିକ୍ଷକ ଭାବରେ। ୧୯୨୫ ମସିହାରେ ମାତ୍ର ୧୯ ବର୍ଷରେ ଦଶପଲ୍ଲା ମାଇନର ସ୍କୁଲର ଶିକ୍ଷକ ବଳରାମ ମିଶ୍ରଙ୍କର ମାତ୍ର ନଅ ବର୍ଷର କନ୍ୟା ସୌଦାମିନୀଙ୍କୁ

ବିବାହ କରିଥିଲେ। ଭଲ ପଦପଦବୀରେ ନିଯୁକ୍ତି ନିମନ୍ତେ ଉଚ୍ଚଶିକ୍ଷାର ଆବଶ୍ୟକତାକୁ ଅନୁଭବ କରି, ଶ୍ୱଶୁରଙ୍କ ସହାୟତାରେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ। ୧୯୩୧ ମସିହାରେ ମାସିକ ୫୫ଟଙ୍କା ବେତନରେ ସେ ବାଙ୍କି ଡମପଡା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ତାପରେ ବାରିପଦା ହାଇସ୍କୁଲରେ ସହକାରୀ ପ୍ରଧାନଶିକ୍ଷକ ଭାବରେ ୧୦ ବର୍ଷ କାର୍ଯ୍ୟ ନିର୍ବାହ କରିଥିଲେ। ୧୯୪୨ରୁ ୧୯୪୬ ମସିହା ପର୍ଯ୍ୟନ୍ତ ସେ ଭିଙ୍ଗାରପୁରସ୍ଥିତ ବକ୍ରେଶ୍ୱର ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କର ଅଧ୍ୟାପନା ଶୈଳୀ, ସମୟାନୁବର୍ତ୍ତୀତା ଓ ମିଷ୍ଟଭାଷ ତାଙ୍କୁ ବେଶ୍ ଛାତ୍ରାଦୃତ କରିପାରିଥିଲା। ସେ ଏକାଧାରରେ ଥିଲେ ଜଣେ ଦକ୍ଷ ଶିକ୍ଷକ, ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ସର୍ବୋପରି ଜଣେ ବିଶିଷ୍ଟ ସାରସ୍ୱତ ସାଧକ। ୧୯୩୩ ମସିହାରେ ବନ୍ୟାଦ୍ୱାରା କଟକ ଜିଲ୍ଲାର ବଡଖଣ୍ଡେଇତା ନିକଟରେ ସୃଷ୍ଟି ହୋଇଥିବା ଘାଇଦ୍ୱାରା, କଟକ ଓ ପୁରୀ ଜିଲ୍ଲାର ଉପକୂଳବର୍ତ୍ତୀ ଅଂଚଳର, ପ୍ରଭାବିତ ଲୋକଙ୍କର ଦୁର୍ଦ୍ଦଶା, ତାଙ୍କ ହୃଦୟକୁ ବିଦିର୍ଣ କରିଥିଲା। କେତେକ ସମ ମନୋଭାବାପନ୍ନ ଯୁବକମାନଙ୍କୁ ସ୍ଥାନରୁ ଚୁଡା ଚାଉଳ ଓ ପାଣ୍

ବିନୋଦନ

ବିନୋଦନ

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଟୋଟାଲ୍ ବାଲୁଙ୍ଗା'

କ୍ରିଷ୍ଣା ଫିଲ୍ମ ବ୍ୟାନର ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଟୋଟାଲ୍ ବାଲୁଙ୍ଗା'ର କାହାଣୀ, ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଉଛନ୍ତି ଟି. ଗଣେଶ। ଏଥିରେ ସଂଳାପ ଲେଖିଛନ୍ତି ଅଜୟ ସାମଲ ଏବଂ ସଙ୍ଗୀତ ସଜାଇଛନ୍ତି ବିରଜା ପ୍ରସାଦ। ମୁଖ୍ୟ ଭୂମିକାରେ ଅଛନ୍ତି ଶୁଭ୍ରାଂଶୁ, ଚିନ୍ମୟ ଓ ନମ୍ରତା। ଏମାନଙ୍କ ବ୍ୟତୀତ ମିହିର ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଡିସ୍କୋ, ଅଶୋକ ଓଝା, ଭକ୍ତି, ରଂଜନ, ଅଙ୍କିତା ପ୍ରମୁଖ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ।

ହାସ୍ୟରସାତ୍ମକ ବିଷୟବସ୍ତୁକୁ ଆଧାର କରି ଗଢ଼ିଉଠିଥିବା 'ଟୋଟାଲ୍ ବାଲୁଙ୍ଗା' ଚଳଚ୍ଚିତ୍ର କଲେଜ ପଢୁଆ ପୁଅ-ଝିଅଙ୍କ ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ। ମହୁରତ ପରେ ଏହାର ୟୁନିଟ୍ ସୁଟିଂ ଫ୍ଲୋରକୁ ଆସିଛି। ଶୁଭ୍ରାଂଶୁ ଏହା ପୂର୍ବରୁ 'ହମ୍ କିସିସେ କମ୍ ନହିଁ' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲେ। ସେମିତି ଏଥିରେ ନାୟିକା ସାଜିଥିବା ନମ୍ରତା ଏହା ପୂର୍ବରୁ 'ଫେରିବି ମୁଁ ବସୁଧା ଚିରି', 'ଆଖି ଖୋଲିଲେ ତୁ' ଏବଂ 'ମନେ ମନେ ମ ?ନ ଖୋଜୁଥିଲା' ଆଦି ଚଳଚ୍ଚିତ୍ରରେ ନାୟିକା ଭୂମିକାରେ ଦେଖିବାକୁ ମିଳିଛନ୍ତି। ଅତୀତରେ ବାଲୁଙ୍ଗା ଶୀର୍ଷକ ସିନେମା ଦର୍ଶକଙ୍କୁ ଭରପୂର ମନୋରଂଜନ ଦେଇଛି, ଦେଖାଯାଉ 'ଟୋଟାଲ୍ ବାଲୁଙ୍ଗା'ରେ କି ମସଲା ରହିଛି !!!

ଶାହିଦଙ୍କ ଷଣ୍ଢ ଅବତାର



କେବେ କମିନା ତ କେବେ କବୀର, କେବେ ହାଇଦର ତ କେବେ ଫଟା ପୋଷ୍ଟର; ଏମିତି ଭିନ୍ନ ଭିନ୍ନ ଅବତାର ନେଇଥିବା ଶାହିଦ ଏବେ ଷଣ୍ଢ ଅବତାରରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। 'କବୀର ସିଂ'ର ଆଶାତୀତ ସଫଳତା ପରେ ଭୂଷଣ କୁମାର ତାଙ୍କ ପ୍ରଡକ୍ସନ ହାଉସ୍‌ରେ ଅମର ବୁଟାଲା ଓ ଗାରିମା ମେହେଟ୍ଟାଙ୍କୁ ପାର୍ଟନର ଭାବେ ସାମିଲ କରିଛନ୍ତି। 'ବୁଲ୍' ନାମରେ ନିର୍ମିତ ହେବାକୁ ଥିବା ଏହି ନୂଆ ଚଳଚ୍ଚିତ୍ରଟି ୧୯୮୦ ମସିହାର ଏକ ବାସ୍ତବ କାହାଣୀ ଉପରେ ଆଧାରିତ। କମିନେ, ହାଇଦର, ତଲ୍ ?ୱାର ଭଳି ସଫଳ ସିନେମାର ନିର୍ଦ୍ଦେଶକ ଆଦିତ୍ୟ ନମ୍ବଲ୍‌କରଙ୍କୁ 'ବୁଲ୍'ର ନିର୍ଦ୍ଦେଶନା ଦେବା ପାଇଁ ଭୂଷଣ କୁମାର ସ୍ଥିର କରିଛନ୍ତି। ଶାହିଦ କହିଛନ୍ତି- ମୁଁ ବିଶେଷ ଭାବେ ଉତ୍ସାହିତ ହେଲି ଯେତେବେଳେ ପ୍ରଯୋଜକ ମୋତେ 'ବୁଲ୍'ର କାହାଣୀ ଶୁଣାଇଥିଲେ। ଆକ୍ସନ୍ ବେସଡ୍ ଏଇ ଚଳଚ୍ଚିତ୍ରଟି ବ୍ରିଗେଡିଅର୍ ବୁଲ୍‌ସାରାଙ୍କ ଜୀବନୀ ଉପରେ ପର୍ଯ୍ୟବସିତ।

ବର୍ଷାରାଣୀ ଆଲିଶା

ମଡେଲିଂରୁ ଗ୍ଲାମର ଜଗତକୁ ପାଦ ବଢ଼େଇଥିବା ଆଲିଶା ବ୍ରହ୍ମା ଏହା ଭିତରେ କିଛି ସିନେମା ଓ ଆଲବମ୍ ଗୀତଦୃଶ୍ୟର ନାୟିକା ସାଜିଛନ୍ତି। ଚଳଚ୍ଚିତ୍ର 'ଲାଗେ ମୋତେ କେମିତି କେମିତି'ରେ ଆଲିଶା ଦୁଷ୍ମନ୍ତଙ୍କ ବିପକ୍ଷର ନାୟିକା ସାଜିଥିଲେ। ଏହା ବ୍ୟତୀତ 'ବର୍ଷାରାଣୀ', 'ଯୋଗୀ ଆଜି ତୋ ପ୍ରେମରେ' ଆଦି ଆଲବମ୍ ଗୀତରେ ସେ ନାୟିକା ସାଜିଛନ୍ତି। 'ବର୍ଷାରାଣୀ' ଗୀତଦୃଶ୍ୟ

ଦେଖିବା ପରେ ଆଲିଶା ସିନେ ନିର୍ଦ୍ଦେଶକଙ୍କ ନଜରକୁ ଆସିଥିଲେ। ବାଲେଶ୍ୱରର ରଘୁନାଥ ବ୍ରହ୍ମା ଓ ବୌଜୟନ୍ତୀ ବ୍ରହ୍ମାଙ୍କ ଝିଅ ଆଲିଶା ଏବେ ବଡ଼ ଓ ଛୋଟ ପରଦାରେ ଅଭିନୟ କରି ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କରୁଛନ୍ତି। ନିକଟରେ ତାଙ୍କୁ ଆଉ କିଛି ଅଫର୍ ମିଳିଛି ମାତ୍ର ନୂଆ ଚଳଚ୍ଚିତ୍ରଗୁଡ଼ିକର ଟାଇଟଲ୍ ଘୋଷଣା କରାଯାଇନାହିଁ। ମଡେଲିଂ ଓ ଅଭିନୟ ସହିତ ଆଲିଶା ମଧ୍ୟ ପାଠପଢ଼ାରୁ ବିରତି ନେଇନାହାଁନ୍ତି। ସେ ଏବେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବି.ସି.ଏ କରୁଛନ୍ତି। ଅଭିନୟର ନିଶା ଥିଲେ ମଧ୍ୟ ଆଲିଶା ଭାରି ଚୁଜି। ସିନେମାରେ କାହାଣୀ ଓ କଳାକାରଙ୍କ ସମ୍ପର୍କରେ ଭଲକରି ଜାଣିବା ପରେ ସେ ଅଭିନୟ କରିବାକୁ ପାଦ ବଢ଼ାନ୍ତି।

ସୁଶାନ୍ତଙ୍କୁ ସମର୍ପିତ କଲେ ନିଜ ଜାତୀୟ ଫିଲ୍ମ ପୁରସ୍କାର

ବଲିଉଡର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂ ରାଜପୁତ। ଶ୍ରେଷ୍ଠ ହିନ୍ଦୀ ଫିଲ୍ମ ଭାବେ ସୁଶାନ୍ତଙ୍କ ଅଭିନୀତ ଫିଲ୍ମ 'ଛିଛୋରେ' ଆଜି ପାଇଛି ଜାତୀୟ ଫିଲ୍ମ ପୁରସ୍କାର। ଏହି ପୁରସ୍କାର ଗ୍ରହଣ କରିଛନ୍ତି ଫିଲ୍ମ ନିର୍ମାତା ସାଜିଦ ନାଦିଆଦୱାଲା। ଏବେ ଏହି ପୁରସ୍କାରକୁ ସାଜିଦ ସୁଶାନ୍ତଙ୍କୁ ସମର୍ପିତ କରିଛନ୍ତି। ତାଙ୍କୁର ଏହି କାମ ପାଇଁ ତାଙ୍କୁ ସୁଶାନ୍ତଙ୍କ ଫ୍ୟାନ୍‌ମାନେ ଭୁରିଭୁରି ପ୍ରଶଂସା କରିଛନ୍ତି। ୨୦୧୯ର ସବୁଠାରୁ ହିଟ୍ ଏବଂ ମନପସନ୍ଦ ଫିଲ୍ମ ଥିଲା 'ଛିଛୋରେ'। ୬୫ତମ ଫିଲ୍ମ ଫେୟାର ଆୱାର୍ଡରେ ୫ଟି କ୍ୟାଟେଗୋରୀରେ ନୋମିନେଟ୍ ହୋଇଥିଲା ଏହି ଫିଲ୍ମ। ଏଥିରେ ଶ୍ରେଷ୍ଠ ଫିଲ୍ମ, ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ, ସର୍ବଶ୍ରେଷ୍ଠ କାହାଣୀ, ବେଷ୍ଟ ଡାଏଲଗ ଏବଂ ବେଷ୍ଟ ଏଡିଟିଂ ସାମିଲ ଥିଲା। ସର୍ବଶ୍ରେଷ୍ଠ ହିନ୍ଦୀ ଫିଲ୍ମ ପାଇଁ ୬୭ତମ ଜାତୀୟ ଫିଲ୍ମ ପୁରସ୍କାର ପ୍ରାପ୍ତ କରିଥିବାରୁ ନିର୍ମାତା ସାଜିଦ ଦାଦିଆଦୱାଲା 'ଛିଛୋରେ'ର ପୂରା ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି। ବିଶେଷ ରୂପେ ସୁଶାନ୍ତ ସିଂହ ରାଜପୁତଙ୍କ ସ୍ମୃତିରେ ଏହି ପୁରସ୍କାରକୁ ସମର୍ପିତ କରିଛନ୍ତି। ଏହି ଫିଲ୍ମରେ ଲିଡ୍ ରୋଲରେ ସୁଶାନ୍ତ ସିଂ ରାଜପୁତ ଥିବା ବେଳେ ତାଙ୍କ ଅପୋଜିଟ୍‌ରେ ନଜର ଆସିଥିଲେ ଶ୍ରଦ୍ଧା କପୁର। ଜୀବନରେ ଜୀତିବା ଯେତିକି ମହତ୍ୱପୂର୍ଣ୍ଣ ତା'ଠାରୁ ହାରିବା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ଫିଲ୍ମ ଜରିଆରେ ବାର୍ତ୍ତା ଦିଆଯାଇଥିଲା।

ଡିସେମ୍ବରରେ ବିବାହ କରିବେ ଭିକି-କ୍ୟାଟ୍ରିନା !

ଖୁବ୍‌ଶୀଘ୍ର ବାଜିବ ଶାହାନାଇ। ହାତକୁ ଦି ହାତ ହେବେ ବଲିଉଡର ବାର୍ବି ଡଲ୍ କ୍ୟାଟ୍ରିନା କୈଫ୍ ଓ ଭିକି କୌଶଲ। ଆସନ୍ତା ଡିସେମ୍ବରରେ ଏମାନଙ୍କ ବିବାହ ହୋବ ବୋଲି ଗୁଜବ ଚାଲିଛି। ଏନେଇ ଏବେ ବ-ଟାଉନରେ ଚର୍ଚ୍ଚା ଜୋର ଧରିଛି। ହେଲେ ଭିକି-କ୍ୟାଟ୍ କିନ୍ତୁ ଏନେଇ କିଛି ଚୁପ୍ ଅଛନ୍ତି। ମିଡିଆ ରିପୋର୍ଟ ମୁତାବକ, ଡିସେମ୍ବରରେ ଭିକି ଏବଂ କ୍ୟାଟ୍ରିନାଙ୍କ ବିବାହ ହେବ ବୋଲି ଶୁଣିବାକୁ ମିଳିଛି। ଦୁହେଁ ଏପରିକି ନିଜ ବିବାହ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛନ୍ତି। କୁହାଯାଉଛି ଯେ, ଦୁହିଁଙ୍କ ବ୍ରାଇଡାଲ ଆଉଟଫିଟ୍‌କୁ ପ୍ରସିଦ୍ଧ ଫ୍ୟାଶନ ଡିଜାଇନର ସବ୍ୟସାଚୀ ଡିଜାଇନ୍ କରୁଛନ୍ତି। ହାଯାଉଛି ଯେ କ୍ୟାଟ୍ରିନା କୈଫ ଏବଂ ଭିକି କୌଶଲ ଆସନ୍ତା ନଭେମ୍ବର କିମ୍ବା ଡିସେମ୍ବରରେ ବିବାହ କରିପାରିବେ। ତେବେ ଏହି ରିପୋର୍ଟରେ ଉଭୟ ତାରକା କିମ୍ବା ସେମାନଙ୍କ ପରିବାର ପକ୍ଷରୁ କୌଣସି ସରକାରୀ ବିବୃତି ଆସିନାହିଁ। ଏହି ଖବର କେତେ ସତ ତାହା ସମୟ ଆସିବା ପରେ ହିଁ ଜଣାପଡିବ। ଗତ ମଙ୍ଗଳବାର ଭିକି ଏବଂ କ୍ୟାଟ୍ରିନା ତାଙ୍କ ସେଲେବ୍ରିଟି ମ୍ୟାନେଜର ରଶ୍ମୀ ସେଟ୍ଟୀଙ୍କ ଅଫିସରେ ପହଞ୍ଚିଥିଲେ। ଦୁହିଁଙ୍କ ଅନେକ ଫଟୋ ସୋଶାଲ ମିଡିଆରେ ଭାଇରାଲ ମଧ୍ୟ ହୋଇଥିଲା। ନିକଟରେ ବିକିଙ୍କ ଫିଲ୍ମ 'ସର୍ଦ୍ଦାର ଉଦାମ'ର ସ୍କ୍ରିନିଂରେ କ୍ୟାଟ୍ରିନାଙ୍କୁ ଦେଖିବାକୁ ମିଳିଥିଲା। ଦୁହେଁ ପରସ୍ପରକୁ ଆଲିଙ୍ଗନ କରିବାର କ୍ଲିପ ମଧ୍ୟ ଭାଇରାଲ ହୋଇଥିଲା।

ମାଧବନଙ୍କ ପୁଅ ଜିତିଲେ ୭ଟି ପଦକ

ବଲିଉଡ୍ ଅଭିନେତା ଆର ମାଧବନଙ୍କ ପୁଅ ବେଦାନ୍ତ ୭ଟି ପଦକ ଜିତିଛନ୍ତି। ନିକଟରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଜୁନିଅର ନ୍ୟାଶ୍‌ନାଲ୍ ଆକ୍ୱାଟିକ୍ ଚାମ୍ପିଅନ୍‌ଶିପ୍‌ରେ ସେ ସ୍ୱିମିଂରେ ମହାରାଷ୍ଟ୍ର ତରଫରୁ ଭାଗ ନେଇ ଏହି ସବୁ ପଦକ ଜିତିଛନ୍ତି। ସ୍କୋର୍ଟସ୍ ୱେବ୍‌ସାଇଟ ଦି ବ୍ରିଜ୍‌ର ରିପୋର୍ଟ ଅନୁଯାୟୀ, ବେଦାନ୍ତ ଜିତିଥିବା ୭ଟି ପଦକ ମଧ୍ୟରୁ ୪ଟି ରୌପ୍ୟ ହୋଇଥିବା ବେଳେ ୩ଟି ବ୍ରୋଞ୍ଜ। ସେ ୮୦୦ ମିଟର ଫ୍ରୀଷ୍ଟାଇଲ୍, ୧୫୦୦ ମିଟର ଫ୍ରୀଷ୍ଟାଇଲ୍, ୪ ଗୁଣା ୧୦୦ ଫ୍ରୀଷ୍ଟାଇଲ୍ ରିଲେ ଓ ୪ ଗୁଣା ୨୦୦ ରିଲେରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ୧୦୦ ମିଟର ଫ୍ରୀଷ୍ଟାଇଲ୍, ୨୦୦ ମିଟର ଫ୍ରୀଷ୍ଟାଇଲ ଓ ୪୦୦ ମିଟର ଫ୍ରୀଷ୍ଟାଇଲ୍ ସ୍ୱିମିଂରେ ସେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁଅ ବେଦାନ୍ତକୁ ସବୁବେଳେ ଉତ୍ସାହିତ କରି ଆସିଥିବା ମାଧବନ ତାଙ୍କର ଏହି ସଫଳରେ ବହୁତ ଖୁସି ଅଛନ୍ତି। ସେ ଅନେକ ସମୟରେ ପୁଅର ଖେଳରେ ଅଂଶ ଗ୍ରହଣ କରିବା ଫଟୋ ସୋଶାଲ୍ ମିଡିଆରେ ପୋଷ୍ଟ କରନ୍ତି।

୩୦ ବର୍ଷର ପରମ୍ପରା ଭାଙ୍ଗିଲେ ଶାହରୁଖ

ବଲିଉଡର ବାଦ୍‌ଶାହ ଶାହରୁଖ ଖାନ୍। ଗତ କିଛି ଦିନ ଧରି ସେ ବେଶ ଚର୍ଚ୍ଚାରେ ଅଛନ୍ତି। ଡ୍ରଗ୍ସ କେସ୍‌ରେ ପୁଅ ଆର୍ଯ୍ୟନ୍ ଖାନ୍ ଗିରଫ ହେବା ପରେ ତାଙ୍କ ଜୀବନରେ ଝଡ ସୃଷ୍ଟି ହୋଇଯାଇଛି। ସେ ଏବଂ ତାଙ୍କ ପରିବାର ପୂରା ଅଶାନ୍ତ ଅଛନ୍ତି। ପୁଅ କେବେ ଜେଲ୍‌ରୁ ମୁକୁଳିବ ତାକୁ ଅନାଇ ବସିଛନ୍ତି। ଘରେ ପୁଅ ନଥିବା ଯୋଗୁଁ ତାଙ୍କୁ ସବୁ ଉତ୍ସବ ଫିକା ଲାଗୁଛି। ଏପରିକି ସେ ତାଙ୍କ ଅପ୍‌କମିଂ ଫିଲ୍ମ 'ପଠାନ'ର ଶୁଟିଂରେ ମଧ୍ୟ ବ୍ରେକ୍ ଲଗାଇ ଦେଇଛନ୍ତି। ତେବେ ଏହାରି ଭିତରେ ଶାହରୁଖ ଏବଂ ଗୌରୀଙ୍କ ବିବାହ ବାର୍ଷିକୀ ମଧ୍ୟ ଫିକା ଫିକା ହୋଇଯାଇଛି। ଗତକାଲି ଶାହରୁଖ ଏବଂ ଗୌରୀଙ୍କ ୩୦ତମ ବିବାହ ବାର୍ଷିକୀ ଥିଲା। ତେବେ ଉଭୟ ନିଜ ବିବାହ ବାର୍ଷିକୀ ପାଳନ କରିନାହାନ୍ତି। ଚଳିତ ବର୍ଷ ଦୁହେଁ ଏହାକୁ ପାଳନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇ ୩୦ ବର୍ଷର ପରମ୍ପରା ଭାଙ୍ଗି ଦେଇଛନ୍ତି। ଶାହରୁଖଙ୍କ ପରିବାର ବନ୍ଧୁଙ୍କଠାରୁ ଶୁଣିବାକୁ ମିଳୁଛି ଯେ ପ୍ରତିବର୍ଷ ବାର୍ଷିକୀ ଅବସରରେ ଏହି ଷ୍ଟାର ଦମ୍ପତି ମଧ୍ୟ କିଛି ପାରମ୍ପାରିକ ରୀତିନୀତି ପାଳନ କରନ୍ତି। କିନ୍ତୁ ଏଥର ଶାହରୁଖ ଏହି ରୀତିନୀତି ପାଳନ କରିନାହାନ୍ତି। ସୂତ୍ର ଅନୁସାରେ ଶାହରୁଖ ଖାନ୍ ପ୍ରତିବର୍ଷ ଗୌରୀଙ୍କୁ ବିବାହ ବାର୍ଷିକୀ ଅବସରରେ କିଛି ନା କିଛି ଉପହାର ବା ଗିଫ୍ଟ ଦିଅନ୍ତି। କିନ୍ତୁ ଚଳିତ ବର୍ଷ ସେ କୌଣସି ଗିଫ୍ଟ ଗୌରୀଙ୍କୁ ଦେଇ ନାହାନ୍ତି। ନିକଟରେ ଗୌରୀ ଖାନ ବିବାହ ବାର୍ଷିକୀ ଅବସରରେ ପୁଅ ଆର୍ଯ୍ୟନଙ୍କୁ ଭେଟିବା ପାଇଁ ଆର୍ଥର ରୋଡ ଜେଲରେ ପହଞ୍ଚିଥିଲେ। ମୁମ୍ବାଇ କ୍ରୁଜ ଡ୍ରଗ୍ସ ପାର୍ଟିରେ ସାମିଲ ହେବା ଅଭିଯୋଗରେ ପ୍ରଥମେ ଏନ୍‌ସିବି ଆର୍ଯ୍ୟନ୍ ଖାନ୍‌ଙ୍କୁ ଅଟକ ରଖିଥିଲା। ଏହାପରେ ଡ୍ରଗ୍ସ କନେକସନ୍ ସାମ୍ନାକୁ ଆସିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପ୍ରଥମ ସେସନ୍ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଏବେ ମାମଲା ବମ୍ବେ ହାଇକୋର୍ଟରେ ଅଛି। ଆଜି ତାଙ୍କ ଜାମିନ ଆବେଦନର ଶୁଣାଣି ଚାଲିଛି। ଶାହରୁଖଙ୍କ ଓକିଲ ଆର୍ଯ୍ୟନଙ୍କୁ କଲେବଳେ କୌଶଳେ ଜାମିନ ଦେବା ପାଇଁ ଚେଷ୍ଟା ଚଳାଇଛନ୍ତି।

ଖୁବଶୀଘ୍ର ରଣବୀର-ଆଲିଆଙ୍କ ବାଜିବ ଶାହାନାଇ

ଖୁବଶୀଘ୍ର ହାତକୁ ଦି ହାତ ହେବେ ରଣବୀର କପୁର ଓ ଅଭିନେତ୍ରୀ ଆଲିଆ ଭଟ୍ଟ। ବାଜିବ ଏହି ଲଭ୍‌ବାର୍ଡଙ୍କ ଶାହାନାଇ। ଚଳିତ ବର୍ଷ ଶେଷ ଆଡକୁ ଉଭୟ କରିପାରନ୍ତି ବିବାହ। ଏକଥା ଆମେ କହୁନି ବିଭିନ୍ନ ଗଣମାଧ୍ୟମରେ ରଣବୀର ଓ ଆଲିଆଙ୍କ ବିବାହକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଏହି ଖବରକୁ ନେଇ ଏବେ ଆଲିଆ ଭଟ୍ଟଙ୍କ ମା' ସୋନି ରାଜଦାନ ମୁହଁ ଖୋଲିଛନ୍ତି। ସେ ବଲିଉଡ ଲାଇଫକୁ ଦେଇଥିବା ଏକ ସାକ୍ଷାତକାରେ କହିଛନ୍ତି, ରଣବୀର-ଆଲିଆ କେବେ ବିବାହ କରିବେ, ତାଙ୍କୁ ଏ ବିଷୟରେ କିଛି ଜଣାନାହିଁ। ଅନ୍ୟମାନଙ୍କ ଭଳି ସେ ମଧ୍ୟ ଏହି ବିବାହକୁ ନେଇ ଅପେକ୍ଷାରେ ଅଛନ୍ତି।' ଦୁହିଁଙ୍କ ବିବାହ ପାଇଁ ଅଳ୍ପ ଅପେକ୍ଷା କରିବାକୁ ପଡିବ। ଭବିଷ୍ୟତରେ ଦୁହେଁ ନିଶ୍ଚିତ ବିବାହ କରିବେ ବୋଲି ଆଲିଆଙ୍କ ମା' ଇସାରା ଦେଇଛନ୍ତି। ଏଥିସହ ଏବେ କିନ୍ତୁ ଆଲିଆ-ରଣବୀରଙ୍କ ବିବାହ କେବେ ହେବ ତାହା କହିବା ମୁସ୍‌କିଲ ବୋଲି ସୋନି ରାଜଦାନ କହିଛନ୍ତି। ରଣବୀର କପୁର, ଆଲିଆଙ୍କ ମା' ସୋନି ରାଜଦାନ, ନୀତୁ କପୁର ଓ ଆଲିଆ ଭଟ୍ଟ ସେପଟେ ପୂର୍ବରୁ ରଣବୀରଙ୍କ ମା' ନୀତୁ କପୁର ଖୁବ୍‌ଶୀଘ୍ର ଆଲିଆଙ୍କୁ ବୋହୂ କରି ଘରକୁ ଆଣିବେ ବୋଲି କହି ସାରିଲେଣି। ଏହି ଖବର ସାମ୍ନାକୁ ଆସିବା ପରେ ଆଲିଆ-ରଣବୀରଙ୍କ ପ୍ରଶଂସକମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଗତବର୍ଷ ମଧ୍ୟ ଏହି ପ୍ରେମୀଯୁଗଳଙ୍କ ବିବାହ ଖୁବ୍ ଚର୍ଚ୍ଚାରେ ଥିଲା। କିନ୍ତୁ କରୋନା ଯୋଗୁ ବିବାହକୁ ସ୍ଥଗିତ ରଖାଯାଇଥିଲା। ସୂଚନା ମୁତାବକ ରଣବୀର ଓ ଆଲିଆ ପରସ୍ପରକୁ ଦୀର୍ଘଦିନ ଧରି ଡେଟ୍ କରୁଛନ୍ତି। ଫ୍ୟାନ୍‌ମାନେ ତାଙ୍କ ବିବାହକୁ ବହୁ ଦିନ ହେଲାଣି ଅପେକ୍ଷା କରି ରହିଛନ୍ତି। ଏଥିପାଇଁ ଉଭୟେ ନିଜ ସମସ୍ତ କାମକୁ ଶୀଘ୍ର ଶୀଘ୍ର ସାରୁଛନ୍ତି। ରଣବୀର ଡିସେମ୍ବରରେ ସନ୍ଦୀପ ରେଡି ବଂଗାଙ୍କ ଫିଲ୍ମ 'ଆନିମଲ'ରେ କାମ କରିବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ଏବେ ସେ ଫିଲ୍ମର ସୁଟିଂ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ଏହି ଫିଲ୍ମର ସୁଟିଂ ସେମାନେ ଆସନ୍ତାବର୍ଷ ଆରମ୍ଭ କରିବେ। ସେହିପରି ଆଲିଆ ଭଟ୍ଟ ବର୍ଷ ଶେଷ ଆଡ଼କୁ କେବଳ ଗଙ୍ଗୁବାଇ କାଠିୟାବାଡି ଫିଲ୍ମର ପ୍ରମୋସନ ହିଁ କରିବେ। ଏହା ପୂର୍ବରୁ ରଣବୀର କପୁର ଓ ଆଲିଆ ଭଟ୍ଟ ଯୋଧପୁର ଟୁର ପାଇଁ ଚର୍ଚ୍ଚାରେ ରହିଥିଲେ। ଦୁହିଁଙ୍କ ସେଠି ନିର୍ବନ୍ଧ ହୋଇଥିବା ନେଇ ଗୁଜବ ହୋଇଥିଲା।

ମୁକ୍ତିଲାଭ କଲା ପଞ୍ଜାବୀ ମ୍ୟୁଜିକ୍ ଭିଡିଓ 'ହାର୍ଟବିଟ୍'

ଡି.ଏନ୍ ସିରିଜ୍ ବ୍ୟାନରରେ ଅର୍ବାନ୍ ପଞ୍ଜାବୀ ମ୍ୟୁଜିକ୍ ଭିଡିଓ 'ହାର୍ଟବିଟ୍' ବୁଧବାର ଦିନ ମୁକ୍ତିଲାଭ କରିଛି। ନବାଗତ ଦୀପକରାଜ୍ ଓ ଶେଫାଳୀଙ୍କ ଅଭିନୀତ ଏଇ ମ୍ୟୁଜିକର କୋରିଓଗ୍ରାଫି କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଶା ଆଲବମ୍, ଚଳଚ୍ଚିତ୍ର ଓ ମଡର୍ଣ୍ଣ ଡ୍ୟାନ୍ସର ଜଣାଶୁଣା ନିର୍ଦ୍ଦେଶକ ବିଦୁ। ଏଇ ଗୀତଦୃଶ୍ୟର ଗୀତ ରଚନା ସହିତ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପିନାକି ରଥ। କଣ୍ଠଦାନ କରିଛନ୍ତି ବିଶ୍ୱଜିତ ମହାପାତ୍ର। ଏହାର ସଙ୍ଗୀତରେ ଥିବା ର୍ୟାପ୍ ଅଂଶର ଗୀତ ରଚନା କରିଛନ୍ତି ଦେବ.ଜେ.ମିଶ୍ର।

ସ୍ପନ୍ଦନ କେବେ ବି ନିଜ ନିୟନ୍ତ୍ରଣରେ ନ ଥାଏ। କାହାକୁ ପାଖରେ ପାଇଗଲେ ଯେ ହୃଦୟର ସ୍ପନ୍ଦନ ବଢ଼ିଯିବ ଏହା କିଏ କହିପାରିବ। 'ହାର୍ଟବିଟ୍' ଯୁବବର୍ଗର ଶ୍ରୋତାଙ୍କ ହୃଦୟରେ ସ୍ପନ୍ଦନ ବଢ଼େଇବ ବୋଲି ଆଶାକରାଯାଉଛି। ଓଡ଼ିଶାରୁ ପ୍ରସ୍ତୁତ ହେଇଥିଲେ ମଧ୍ୟ ଏହା ଦେଶର ଭିନ୍ନ ଭାଷାଭାଷୀର ଶ୍ରୋତା ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଏହାର କୋରିଓଗ୍ରାଫର-ଡିରେକ୍ଟର ବିଦୁ କହିଛନ୍ତି।

ନଭେମ୍ବର ୧ରୁ ୟୁଜି ,୧୫ରୁ ପିଜି ପ୍ରଥମ ବର୍ଷ ଅଫଲାଇନ୍ ପାଠପଢା

ଭୁବନେଶ୍ୱର,୨୮/୧୦ (ନି.ପ୍ର): ନଭେମ୍ବର ୧ରୁ ୟୁଜି (ସ୍ନାତକ) ପ୍ରଥମ ବର୍ଷ ପିଲାଙ୍କ ପାଠପଢ଼ା ଶ୍ରେଣୀଗୃହରେ ଆରମ୍ଭ ହେବ। ସେହିପରି ନଭେମ୍ବର ୧୫ରୁ ପିଜି (ସ୍ନାତୋକତର) ପ୍ରଥମ ବର୍ଷ ପିଲାଙ୍କ ଅଫଲାଇନ୍ ପାଠପଢ଼ା ଶ୍ରେଣୀ ଗୃହରେ ଆରମ୍ଭ ହେବ। ଏଥିସହ କୋଭିଡ୍ କଟକଣା ସହ କଲେଜ ହଷ୍ଟେଲ ଗୁଡିକ ମଧ୍ୟ ଖୋଲିବ। ଏନେଇ ବୁଧବାର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜର ଅଧ୍ୟକ୍ଷମାନଙ୍କୁ ଚିଠି ଲେଖିଛନ୍ତି ଉଚ୍ଚ ଶିକ୍ଷା ସଚିବ ଶାଶ୍ୱତ ମିଶ୍ର। ଚିଠିରେ ଶ୍ରେଣୀଗୃହରେ ପାଠପଢ଼ା ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ସେମାନେ ନିୟମିତ ବ୍ୟବଧାନରେ ହାତ ସଫା କରିବେ। ଶ୍ରେଣୀ ଗୃହ, ପାଠାଗାର ତଥା ଲାବୋରଟୋରୀ ଗୁଡ଼ିକରେ ଛାତ୍ରଛାତ୍ରୀମାନେ ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବେ। କେହି କଲେଜ ବା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ବାହାରେ ଏଣେତେଣେ ଛେପ ପକାଇ ପାରିବେ ନାହିଁ। କାଶିବା ବା ଛିଙ୍କିବା ବେଳେ ରୁମାଲ ଆଦି ବ୍ୟବହାର କରିବାକୁ କୁହାଯାଇଛି। ତା'ସହିତ ଛାତ୍ରଛାତ୍ରୀମାନେ ନିଜ ସ୍ୱାସ୍ଥ୍ୟ ବିଷୟରେ ଯେପରି ସଚେତନ ରହିବେ, ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ସେହିପରି ଜରୁରୀ ସ୍ଥିତି ପାଇଁ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏକ ନିର୍ଦ୍ଦିଷ୍ଟ କଠୋରୀକୁ ପ୍ରସ୍ତୁତ ରଖିବାକୁ ଉଚ୍ଚଶିକ୍ଷା ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଶ୍ରେଣୀ ଗୃହ ପାଠପଢ଼ା ଆରମ୍ଭ କରିବା ସହିତ ହଷ୍ଟେଲ ଗୁଡ଼ିକୁ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ହଷ୍ଟେଲ୍ ରେ ନାଁ ଲେଖାଇଛନ୍ତି, ସେମାନେ ସେଠାରେ ରହିପାରିବେ। ହଷ୍ଟେଲ୍ ରେ ମଧ୍ୟ ସମସ୍ତ କୋଭିଡ୍ କଟକଣା ଯେମିତି ପାଳନ ହୁଏ, ତାହା ସୁନିଶ୍ଚିତ କରିବାକୁ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସତର୍କତା ସଚେତନତା ସପ୍ତାହ: ପୂର୍ବତଟ ରେଳପଥ ପକ୍ଷରୁ ସତ୍ୟନିଷ୍ଠା ଓ ଆତ୍ମନିର୍ଭରତା ସମ୍ବନ୍ଧରେ ପାଠଚକ୍ର

ଭୁବନେଶ୍ୱର,୨୮/୧୦ (ନି.ପ୍ର): ସତର୍କତା ଜାଗରଣ ସପ୍ତାହ ପାଳନ ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ଏହାର ମୁଖ୍ୟାଳୟ ଠାରେ 'ସ୍ୱତନ୍ତ୍ର ଭାରତ ଆଟ୍ ୭୫: ସତ୍ୟନିଷ୍ଠାରୁ ଆତ୍ମନିର୍ଭରତା' ସମ୍ବନ୍ଧରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର କର୍ମକ୍ଷେତ୍ରରେ ସତ୍ୟନିଷ୍ଠାରୁ ଆତ୍ମନିର୍ଭରତା ଅନୁକରଣ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଅତିଥି ବକ୍ତା ଭାବରେ ଆମନ୍ତ୍ରିତ ବିଶିଷ୍ଟ ସାମ୍ବାଦିକ ଅଶୋକ ପଣ୍ଡା ଆମର ଦୈନନ୍ଦିନ ଜୀବନରେ ଅଖଣ୍ଡତା ଏବଂ ସଚ୍ଚୋଟତାର ଗୁରୁତ୍ୱ ଉପରେ କହିଥିଲେ। ସେ ଅଖଣ୍ଡତା ସହିତ ଆତ୍ମନିର୍ଭରଶୀଳତାର ସଂଜ୍ଞା, ଆମର କାର୍ଯ୍ୟରେ ଏହାର ପ୍ରଭାବ ଏବଂ ଆମର ଦୈନନ୍ଦିନ ଜୀବନରେ ଏହାକୁ କିପରି ଅନୁସରଣ କରିବେ ସେ ବିଷୟରେ ସେ ବର୍ଣ୍ଣନା କରିଥିଲେ । ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ବଭାଗୀୟ ଅଧିକାରୀ ମାନଙ୍କ ସହିତ ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସ୍ୱତନ୍ତ୍ର ଭାରତ ଆଟ୍ ୭୫: ସତ୍ୟ ନିଷ୍ଠରୁ ଆତ୍ମନିର୍ଭରତା ଅନୁସରଣ କରିବା ସହିତ ଜଣେ ବ୍ୟକ୍ତି କିପରି ଇଚ୍ଛାଠାରୁ ଉର୍ଦ୍ଧ୍ୱରେ ରହିପାରିବେ ସେ ବିଷୟରେ କହିଥିଲେ ।ଏହାପୂର୍ବରୁ, ପୂର୍ବ ତଟ ରେଳ ବିଭାଗର ସତର୍କତା ବିଭାଗ ପକ୍ଷରୁ ଏହାର ସମସ୍ତ ଭାଗିଦାରୀ, ହିତାଧିକାରୀ ଏବଂ ଯୋଗାଣକାରୀଙ୍କ ସହିତ ଏକ କଥୋପକଥନ ଅଧିବେଶନ ଆୟୋଜନ କରିଛି ଯାହାଦ୍ୱାରା ଗ୍ରାହକ ମାନଙ୍କ ସହିତ ଉତମ ସମ୍ପର୍କ ଆଣିବା ସହ ଉଭୟ ରେଳବାଇ ଏବଂ ଶିଳ୍ପର ପ୍ରଗତିରେ ତଥା ଅଭିବୃଦ୍ଧିରେ ସାହାଯ୍ୟ କରିବା ସହିତ ସେମାନଙ୍କର ମତାମତ, ଅଭିଯୋଗର ସମାଧାନ ଇତ୍ୟାଦି ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା ଯାହାକି ଉଭୟ ରେଳବାଇ ଓ ଶିଳ୍ପ ସଂସ୍ଥା ମାନଙ୍କ ସହିତ ସ୍ୱଚ୍ଛତା ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ହୋଇ ପାରିବ ଏବଂ ଉଭୟ ହିତାଧିକାରୀ ଓ ରେଳବାଇର ଅଭିବୃଦ୍ଧିରେ ସହାୟକ ହେବ। ବିଭିନ୍ନ ଶିଳ୍ପ ସଂସ୍ଥା ପରି ହିତାଧିକାରୀ ଏବଂ ରେଳ ଉପଭୋକ୍ତା ଯଥା ଇସ୍ପାତ କାରଖାନା, ବନ୍ଦର, ଯୋଗାଣକାରୀ, ବ୍ୟାଙ୍କ ଏବଂ କଂଟ୍ରାକ୍ଟରଙ୍କ ପ୍ରତିନିଧୀମାନେ ଏହି ଇଂଟରାକ୍ଟିଭ୍ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ମୂଲ୍ୟବାନ ମତ ଏବଂ ପରାମର୍ଶ ଉପସ୍ଥାପନ କରିଥିଲେ ।

ସୁରେଶ ସମାବେଶରେ ସୂର୍ଯ୍ୟ ଦେଓ ସମ୍ମାନିତ

ଭୁବନେଶ୍ୱର,୨୮/୧୦ (ନି.ପ୍ର): ବହୁଦର୍ଶୀ ପ୍ରତିଭାବାନ୍ ବ୍ୟକ୍ତି ସ୍ମରଣୀୟ ପଥପ୍ରଦର୍ଶକ ହୋଇ ରୁହନ୍ତି ବୋଲି ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡା ଉଲ୍ଲେଖ କରିଛନ୍ତି। ସାହିତ୍ୟିକ, ନାଟ୍ୟକାର, ଲୋକସଂସ୍କୃତି ବିଶାରଦ, ଅନୁବାଦକ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ଆୟୋଜିତ 'ସୁରେଶ ସମାବେଶ'ରେ ଯୋଗଦେଇ ଶ୍ରୀ ପଣ୍ଡା ଜଣେ ନିତ୍ୟସନ୍ଧିସୁ ଭାବରେ ସୁରେଶଙ୍କୁ ବର୍ଣ୍ଣନା କରିଥିଲେ । ସୁରେଶ ବଳବନ୍ତରାୟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସିନେ-ଗବେଷକ ସୂର୍ଯ୍ୟ ଦେଓଙ୍କୁ ସୁରେଶ ସୃଜନ ସମ୍ମାନ ପ୍ରଦାନ କରାଯାଇଥିଲା । ଫାଉଣ୍ଡେସନ୍ ର ଅଧ୍ୟକ୍ଷ ଡ. ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଭିଜିଟିଂ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ବକ୍ତା ଭାବରେ ଉପସ୍ଥିତ ଥିଲାବେଳେ ବିଶିଷ୍ଟ ପ୍ରାବନ୍ଧିକ ଓ ଗବେଷକ ଡ. ଅଜୟ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ 'ଜୀବନଚକ୍ର ଓ ଲୋକସଂସ୍କାର' ପ୍ରସଙ୍ଗରେ ଭିତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଫାଉଣ୍ଡେସନ୍ ର ସମ୍ପାଦିକା ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ସଂଗଠନର ବିବରଣୀ ପାଠ କରିଥିଲେ ଓ ଡ. ଶାଶ୍ୱତୀ ଜେନା ମାନପତ୍ର ପାଠ କରିଥିଲେ । ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ପ୍ରଥମେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଲୋଚନା ସଂକଳନ 'ଲୋକବିଦ୍ୟା' ଓ ସୁରେଶ ବଳବନ୍ତରାୟଙ୍କ ଲିଖିତ 'ମାଧବ ଦାସର ସୁଆଙ୍ଗ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୁବୋଧ ପଟ୍ଟନାୟକ, ହରେନ୍ ସାହୁ, ରକ୍ଷକ ନାୟକ, ପରେଶ ପଟ୍ଟନାୟକ, ଡ. ଅଜୟ ସ୍ୱାଇଁ, ଛନ୍ଦା ମିଶ୍ର, ସୂର୍ଯ୍ୟ ମିଶ୍ର, ନେତାଜୀ ଅଭିନନ୍ଦନ, ବାଦଲ ମହାନ୍ତି, କେଦାର ମିଶ୍ର, ପ୍ରଫୁଲ୍ଲ ଧୀର, ରାମହରି ଜେନା, ମଧୁମିତା ମହାନ୍ତି, ଡ. ରଜନୀ ରଞ୍ଜନ, ବନୋଜ ତ୍ରିପାଠୀ, ରୁନା ପଣ୍ଡା ଓ ସଂଜୟ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ ।

ନଭେମ୍ବର ୧ରୁ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ : ରାଜ୍ୟରେ ୧୦ ଲକ୍ଷ ସଭ୍ୟ ସଂଗ୍ରହ ହେବ

ଭୁବନେଶ୍ୱର,୨୮/୧୦ (ନି.ପ୍ର): ୨୦୨୧ -୨୫ ବର୍ଷ ନିମନ୍ତେ ନଭେମ୍ବର ୧ ତାରିଖରୁ କଂଗ୍ରେସ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହେବ। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ କହିଲେ ଯେ ଆସନ୍ତା ୧ ତାରିଖ ଦିନ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲା କୁମାର ରାଜ୍ୟସ୍ତରୀୟ କଂଗ୍ରେସ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ସଂପାଦକ ଜି ରୁଦ୍ର ରାଜୁ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବଶ୍ୱାଳ, ସମସ୍ତ ବିଧାୟକ ଓ ସାଂସଦ ଗଣ, ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ସମେତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ରହିବେ। ସମଗ୍ର ରାଜ୍ୟରେ ୧୦ ଲକ୍ଷ ନୂତନ ସଭ୍ୟ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବାବୁ ସୂଚନା ଦେଇଥିଲେ। ସେହିପରି ବଲାଙ୍ଗିରର ଶିକ୍ଷୟତ୍ରୀ ମମିତା ମେହେର ହତ୍ୟା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ସଂପୃକ୍ତିକୁ ନେଇ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ବ୍ୟାପି ବିକ୍ଷୋଭ ଏବଂ ମନ୍ତ୍ରୀଙ୍କର ଇସ୍ତଫା ଦାବି କରାଯାଉଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ। କଂଗ୍ରେସ ଦଳ ପକ୍ଷରୁ ଆସନ୍ତା କାଲି ଏଆଇସିସି ସାଧାରଣ ସଂପାଦକ ରଣଦୀପ ସିଂ ସୁରେଜୱାଲା, କଂଗ୍ରେସ ପ୍ରଭାରୀ ଡ. ଏ ଚେଲା କୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତୁରେକେଲା ବ୍ଲକର ଝରନୀ ଗ୍ରାମ ଗସ୍ତକରି ପୀଡ଼ିତ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ପାଇଁ ଯାଉଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଧାୟକ ସନ୍ତୋଷ ସିଂ ସାଲୁଜା, ପ୍ରାକ୍ତନ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରମୁଖ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଯେପର୍ଯ୍ୟନ୍ତ ପୀଡ଼ିତାକୁ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ କଂଗ୍ରେସ ତା'ର ସଂଗ୍ରାମ ଜାରି ରଖିବ ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ପଦ୍ମାକର ଗୁରୁ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଉପସ୍ଥିତ ଥିଲେ।

ରେଡକ୍ରସ୍ ପକ୍ଷରୁ ପରିବାର ପରାମର୍ଶ ସଂପର୍କିତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮/୧୦ (ନି.ପ୍ର): ଭାରତୀୟ ରେଡ୍କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ତରଫରୁ ନେହେରୁ ବସ୍ତି, ୟୁନିଟ୍ -୮ ପରିବାର ପରାମର୍ଶ ସଂମ୍ପର୍କିତ ଗୋଷ୍ଠୀସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ନେହେରୁ ବସ୍ତି ର ଯୁବତୀ ଏବଂ ମହିଳା ମାନେ ବହୁତ ସଂଖ୍ୟାରେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଜୟାଲକ୍ଷ୍ମୀ କର ପରିବାର ପରାମର୍ଶଦାତ୍ରୀ ସମାଜରେ ଘଟୁଥିବା ପରିବାରର ବିଭିନ୍ନ ସମସ୍ୟା ଓ ତାର ନିରାକରଣ ସଂପର୍କରେ ଅବଗତ କରିଥିଲେ । ରେଡକ୍ରସ ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ସହାୟତାରେ ପାରସ୍ପରିକ ବୁଝାମଣା ମାଧ୍ୟମରେ ପରିବାର-ର ସମସ୍ୟାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଶେଷ କରି ଉକ୍ତ କାର୍ଯ୍ୟକ୍ରମରେ ମହିଳା ମାନଙ୍କ ଉପରେ ଘଟୁଥିବା ଅନ୍ୟାୟ ,ଅତ୍ୟାଚାର ସହ ଏହାର ନିରାକରଣ ଓ ଏହାପାଇଁ ଉଦ୍ଦିଷ୍ଟଥିବା ଆଇନ ଗତ ଧାରା ଲୋକମାନଙ୍କ ପାଖରେ କିପରି ସହଜରେ ପହଂଚିପାରିବ ସେସଂପର୍କରେ ଶ୍ରୀମତୀ ବିଜୟାଲକ୍ଷ୍ମୀ କର ଆଲୋଚନା କରିଥିଲେ ।

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି ? : ସମୀର ମହାନ୍ତି

ଭୁବନେଶ୍ୱର, ୨୭ ଅକ୍ଟୋବର - କଳାହାଣ୍ଡି ଜିଲ୍ଲା ମହାଲିଙ୍ଗସ୍ଥିତ ସନସାଇନ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଭଳି ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ । ଏହି ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କ ସଂପୃକ୍ତିର ଅଭିଯୋଗ ଜନମାନସକୁ ଆନ୍ଦୋଳିତ କରିଛି । ବିଜେପି-ବିଜେଡି ମିଳିତ ସରକାର ସମୟରେ ସାମାନ୍ୟ ଅଭିଯୋଗ ବଳରେ ମନ୍ତ୍ରୀମାନଙ୍କୁ ନିଜ ମନ୍ତ୍ରୀମଣ୍ଡଳରୁ ବିତାଡିତ କରୁଥିବା ସେହି ମୁଖ୍ୟମନ୍ତ୍ରୀ ବର୍ତମାନ ଏଭଳି ଜଘନ୍ୟ ହତ୍ୟାକାଣ୍ଡରେ ମନ୍ତ୍ରୀଙ୍କ ସଂପୃକ୍ତି ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତେ ନୀରବ କାହିଁକି ରହୁଛନ୍ତି ? ଏହି ନାରକୀୟ ଘଟଣା ସଂପର୍କରେ ମୁଖ୍ୟମନ୍ତ୍ରୀ ଅବଗତ ଅଛନ୍ତି ନା ନାହିଁ ? ମୁଖ୍ୟମନ୍ତ୍ରୀଙ୍କୁ ସଂପୂର୍ଣ୍ଣ ଅବଗତ କରାଯାଇଛି ନା ନାହିଁ ? ଯଦି କରାଯାଇଛି, ତାହେଲେ ମୁଖ୍ୟମନ୍ତ୍ରୀ କିପରି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି । ଗତ କାଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ପ୍ରତିନିଧି ଦଳ ବଲାଙ୍ଗୀର ଓ କଳାହାଣ୍ଡି ଗସ୍ତ କରି ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ । ଗସ୍ତ ପରେ ମହାଲିଙ୍ଗ ଶିକ୍ଷାନୁଷ୍ଠାନକୁ 'ମମିତା ମେହେର ମେମୋରିଆଲ ଇନ୍‌ଷ୍ଟିଚ୍ୟୁଟ' ନାମରେ ନାମିତ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବୀ ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ସେହିପରି ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ତଥା ବରିଷ୍ଠ ନେତା ପ୍ରକାଶ ମିଶ୍ର କହିଛନ୍ତି ଯେ, 'ମମିତା ହତ୍ୟାକାଣ୍ଡର ତଦନ୍ତରେ ଆଇନ ତା ନିଜ ବାଟରେ ଯାଉନାହିଁ ।' ଏହି ଜଘନ୍ୟ ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତି ସଂଶ୍ଳିଷ୍ଟ ଅଛନ୍ତି । ଏକ ବିରାଟ ଷଡଯନ୍ତ୍ର ରଚାଯାଇଥିବା ଏହି ବର୍ବରୋଚିତ ହତ୍ୟାକାଣ୍ଡର ସମସ୍ତ ତଥ୍ୟ ଓ ପ୍ରମାଣକୁ ନଷ୍ଟ କରିଦେବା ପାଇଁ ସୁଯୋଗ ଦିଆଯାଉଛି । ମୃତ ମମିତାଙ୍କ ସମେତ ଗୋବିନ୍ଦ ସାହୁ ଏବଂ ଅନ୍ୟ ଅଭିଯୁକ୍ତଙ୍କ ମୋବାଇଲ କଲ୍ ରେକର୍ଡ ଯାଂଚ କରିବା ସହିତ ସମସ୍ତ ସ୍ଥାନରେ ଲାଗିଥିବା ସିସିଟିଭିର ମଧ୍ୟ ଯାଂଚ କରାଯାଇନାହିଁ । ଏଭଳି ଗୁରୁତର ଅଭିଯୋଗ ସତ୍ତ୍ୱେ ବର୍ତମାନ ସୁଦ୍ଧା ନିଜେ ମନ୍ତ୍ରୀ ଶ୍ରୀ ମିଶ୍ର କିମ୍ବା ରାଜ୍ୟ ସରକାର କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି । ଘଟଣାର ତଦନ୍ତ ଯଥାଶୀଘ୍ର ସିବିଆଇ ଦ୍ୱାରା କରାଇବାକୁ ଶ୍ରୀ ମିଶ୍ର ଦାବୀ କରିଛନ୍ତି ।

ବରିଷ୍ଠ ଆଇନଜୀବି ତଥା ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ,ପୋଲିସ ତଦନ୍ତକୁ ଅନୁଧ୍ୟାନ କଲେ କୌଣସି ତାଳମେଳ ରହୁନି । ବର୍ତମାନ ସୁଦ୍ଧା ପୋଲିସ ତରଫରୁ ଦର୍ଶାଯାଇଥିବା ସମସ୍ତ ପ୍ରମାଣ କୋର୍ଟରେ ଆଦୌ ଗ୍ରହଣୀୟ ନୁହେଁ। କ୍ରାଇମ ରିକ୍ରିଏସନ କରି ଗଣମାଧ୍ୟମ ଜରିଆରେ ପ୍ରଦର୍ଶନ କରାଯିବା ପଛରେ କୌଣସି କାରଣ ନାହିଁ । ବରଂ ଅଭିଯୁକ୍ତ ଗୋବିନ୍ଦ ସାହୁ, ରାଧେ, ମନ୍ତ୍ରୀ ଶ୍ରୀ ମିଶ୍ର ଓ ତାଙ୍କ ଡ୍ରାଇଭର / ପିଏସଓଙ୍କ କଲ୍ ରେକର୍ଡ ସାର୍ବଜନୀନ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ । ଏଥି ସହ ମୁଖ୍ୟମନ୍ତ୍ରୀ ଅଭିଯୁକ୍ତ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ତୁରନ୍ତ ନିଜ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରି ତଦନ୍ତ ପ୍ରକ୍ରିୟାରେ ବାଧକ ସାଜିବାରୁ ନିବୃତ ରହିବାକୁ ଶ୍ରୀ ଆଚାର୍ଯ୍ୟ ଦାବୀ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରତିନିଧି ଦଳର ଅନ୍ୟତମ ସଦସ୍ୟ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଏବଂ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଭୁବନେଶ୍ୱରର ବିଭିନ୍ନ ଡ୍ୟାନ୍ସ ବାର ଉପରେ ଚଢ଼ାଉ: ୧୬ଜଣ ଅଟକ

ଭୁବନେଶ୍ୱର,୨୮/୧୦ (ନି.ପ୍ର): ଭୁବନେଶ୍ୱରର ବିଭିନ୍ନ ଡ୍ୟାନ୍ସ ବାର ଉପରେ ଚଢାଉ । ବେଆଇନ ଭାବେ ଚାଲୁଥିବା ଡ୍ୟାନ୍ସ ବାର ଉପରେ ଚଢ଼ାଉ କରିଛି ଅବକାରୀ ବିଭାଗ । ବାରରେ ବେଆଇନ ଭାବେ ଯୁବତୀମାନେ ଡ୍ୟାନ୍ସ କରୁଥିବାବେଳେ ଚଢ଼ାଉ କରିଥିଲା ଫ୍ଲାଇଙ୍ଗ ସ୍କାର୍ଡ । ଚଢ଼ାଉ ସମୟରେ ଯୁବତୀଙ୍କ ସମେତ ୧୬ଜଣଙ୍କୁ ଧରିଛି ଚଢ଼ାଉ କରିଥିବା ଟିମ୍ । ଯୁବତୀମାନେ ଡ୍ୟାନ୍ସ କରୁଥିବାବେଳେ ସେମାନଙ୍କ ଉପରକୁ ଫିଙ୍ଗା ଯାଉଥିବା ପୁଳା ପୁଳା ନକଲି ନୋଟକୁ ମଧ୍ୟ ଜବତ କରାଯାଇଛି । ସୂଚନା ମୁତାବକ, ମଙ୍ଗଳବାର ଦିନ ଏକାଧିକ ଅବକାରୀ ଟିମ୍ ପ୍ରଥମେ କଟକ ରୋଡରେ ଥିବା ୫ଟି ବାରରେ ଚଢ଼ାଉ କରିଥିଲେ। ଲିଭ୍ ଇଟ୍ ଅପ୍, ଏକାମ୍ର ଓ ନଶା ବାରରେ ଚଢ

ରାମ ବନବାସ କାହାଣୀ ଶେଷ

ନୀଳଗିରି,୨୮/୧୦ (ନି.ପ୍ର): ରାଜ୍ୟ ସରକାର ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସ୍ଥାନ ସଂରକ୍ଷଣ ଚୁନ୍ତା ତାଲିକା ପ୍ରକାଶ ପରେ ନୀଳଗିରିରେ ବିଭିନ୍ନ ପଞ୍ଚାୟତରେ ରାଜନୈତିକ ଉଷ୍ମତା ଦେଖିବାକୁମିଳିଛି । ଏ ନେଇ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ କରୁଥିଲା ବେଳେ ନୀଳଗିରି ବ୍ଲକର ଜାମୁଡ଼ିହା ପଞ୍ଚାୟତର ସମିତି ସଭ୍ୟ ପାଇଁ ଜନୈକ ଦଳ ପକ୍ଷରୁ ରାମକୃଷ୍ଣ ଜେନାଙ୍କ ନାମ ଶୁଣିବାକୁ ମିଳୁଥିଲା । ହେଲେ ଏହାକୁ ଦଳର କିଛି କର୍ମୀ ବିରୋଧ କରୁଥିବାର ଶୁଣିବାକୁ ମିଳୁଛି । ରାମକୃଷ୍ଣ ଜେନା ଜନୈକ ଦଳର ପ୍ରାଥମିକ ସଦସ୍ୟ ନ ଥିଲା ବେଳେ ଦଳ ମଧ୍ୟରେ ଏହାକୁନେଇ ଗୁଞ୍ଜରଣ ସୃଷ୍ଟି ହୋଇଛି । ସରପଞ୍ଚ ଓ ସମିତିସଭ୍ୟ ପାଇଁ କୌଣସି ଚିହ୍ନ ନ ଥିବା ବେଳେ ଦଳ ସମର୍ଥନରେ ଛିଡ଼ା ହୋଇ ଥାଆନ୍ତି । ଜାମୁଡ଼ିହା ପଞ୍ଚାୟତରେ ରାମକୃଷ୍ଣ ଜେନା ଅଧିବାସୀ ନ ଥିଲା ବେଳେ ସେ ଉକ୍ତ ପଞ୍ଚାୟତର ପ୍ରାର୍ଥୀ ହେବାକୁ ନେଇ ଦଳ ମଧ୍ୟରେ ବାକ୍ ଶୀତଳ ଯୁଦ୍ଧ ଦେଖିବାକୁ ମିଳିଛି । ଶେଷରେ ରାମକୃଷ୍ଣ ଅଣନିବାସୀ ହୋଇ ସମର୍ଥୀତ ବିଜେପି ଦଳର ପ୍ରାର୍ଥୀ ହେବାର ମୋହ ମନରୁ ତୁଟି ଦେଇଛନ୍ତି । 'ରାମ ବନବାସ କାହାଣୀ ଶେଷ' ଉକ୍ତିର ଯଥାର୍ଥତା ରାମକୃଷ୍ଣ ଜେନାଙ୍କ ଠାରେ ଦେଖିବାକୁ ମିଳିଛି ।

ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୮/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୨୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଥିବା ବେଳେ କେନ୍ଦ୍ରାପଡା ଓ ମୟୁରଭଂଜ ଜିଲ୍ଲାରେ ୧-୧ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

ନଭେମ୍ବର ୧ରୁ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲିବ ଶିମିଳିପାଳ

ବାରିପଦା / କରଂଜିଆ/ ଯଶିପୁର,୨୮/୧୦ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଆସନ୍ତା ୨୦୨୧ ମସିହା ନଭେମ୍ବର ୧ତାରିଖ ଠାରୁ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲା ଯିବ ବୋଲି ଜଣା ଯାଇଛି । ଦୈନିକ ସର୍ବାଧିକ ପ୍ରଥମେ ଆସିଥିବା ୩୫ଗୋଟି ଚାରି ଚକିଆ ଯାନ କାଳିଆଣି ତନଖି ଫାଟକ (ଯଶିପୁର) ମଧ୍ୟଦେଇ ଓ ପ୍ରଥମ ୨୫ଗୋଟି ଚାରିଚକିଆ ଯାନ ପିଠାବଟା ତନଖି ଫାଟକ ମଧ୍ୟଦେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବାକୁ ନିୟମ ହୋଇଥିବା ବେଳେ, ପର୍ଯ୍ୟଟକ ମାନେ କେବଳ ପିଠାବଟା ଏବଂ କାଳିଆଣି (ଯଶିପୁର) ଦେଇ ବ୍ୟାଘ୍ର ପ୍ରକଳ୍ପ ମଧ୍ୟକୁ ପ୍ରବେଶ କରିପାରିବେ ବୋଲି ଜଣା ଯାଇଛି । ବ୍ୟାଘ୍ର୍ୟ ପ୍ରକଳ୍ପ ମଧ୍ୟକୁ ପ୍ରବେଶ ନିମନ୍ତେ ପ୍ରବେଶ ଅନୁମତି ପତ୍ର କେବଳ ପିଠାବଟା ଓ ଯଶିପୁର ବୁକିଂ କାଉଂଟରରୁ ସକାଳ ୬ଘଂଟାରୁ ଦିନ ୯ଘଂଟା ପର୍ଯ୍ୟନ୍ତ ମିଳିବକୁ ଥିବା ବେଳେ, ବ୍ୟାଘ୍ର ପ୍ରକଳ୍ପକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକ ମାନଙ୍କୁ ପ୍ରଚଳିତ ନୀୟମାବଳୀ ମାନ ପାଳନ ନିମନ୍ତେ ଲିଖିତନାମା ଦେବାକୁ ପଡିବ । ନୀୟମାବଳୀ ଉଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ସୂଚନା ରହିଛି । ପର୍ଯ୍ୟଟକଙ୍କ ଯାନ, ପର୍ଯ୍ୟଟକ ଏବଂ ତାଙ୍କ ଜିନିଷପତ୍ରକୁ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ତନଖି ଫାଟକରେ ଯାଂଚ କରାଯିବା ସହିତ ଅପରାହ୍ନ ୩ଟା ପୂର୍ବରୁ ସମସ୍ତ ପର୍ଯ୍ୟଟକ ମାନେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଓ ଅପରାହ୍ନ ୪ଘଟିକା ପୂର୍ବରୁ ଚହଲା ସ୍ଥାନରୁ ଛାଡିବାକୁ ପଡ଼ିବ । ପର୍ଯ୍ୟଟକ ମାନେ ସନ୍ଧ୍ୟା ୫ଘଟିକା ସୁଦ୍ଧା ପ୍ରସ୍ଥାନ ତନଖି ଫାଟକ ପିଠାବଟା, ତୁଳସିବଣି ବା କାଳିଆଣି ଅତିକ୍ରମ କରିବାକୁ ନିୟମ କରାଯାଇଛି । କୌଣସି କାରଣ ବଶତଃ ପର୍ଯ୍ୟଟକଙ୍କ ଯାନ ଖରାପ ହେଲେ ସେହି ଯାନରେ ଥିବା ପର୍ଯ୍ୟଟକ ମାନଙ୍କୁ ବାରିପଦା ବା ଯଶିପୁର ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରିବା ପାଇଁ ଅଗ୍ରୀମ ୪ହଜାର ଟଙ୍କା ଜମା କଲେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ପହଂଚାଇବାର ବ୍ୟବସ୍ଥା କରିବେ । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କୁମାରି, ଗୁଡ଼ଗୁଡିଆ, ରାମତୀର୍ଥ, ବରେହିପାଣି ଓ ଜାମୁଆଣିରେ ଥିବା ଯାତ୍ରୀନିବାସ ଗୁଡିକରେ ରାତ୍ରୀ ଯାପନ ନିମନ୍ତେ ପର୍ଯ୍ୟଟକ ମାନଙ୍କୁ ଓେବସାଇଟ www.ecotourodisha.com ରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ ବୋଲି ଜଣାଯାଇଛି ।

ଉପେନ୍ଦ୍ର ନାଥ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ବରିପଦା,୨୮/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ନଳଗଜା ଠାରେ ଥିବା ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନୀଳରତ୍ନ କଲିଆ ଏହି ଶିବିରକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ରକ୍ତଦାନର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ଡଃ ଗଣେଶ ଚନ୍ଦ୍ର ପାଳ ତାଙ୍କ ସହକର୍ମୀ ତଥା ନିକଟସ୍ଥ ନଳଗଜା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମୀମାନଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଇଥିଲେ । ମହାବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡଃ ଚନ୍ଦ୍ର ଶେଖର ଜେନା, ଡଃ ସ୍ମିତା ପ୍ରଧାନ ଓ ଶ୍ରୀଯୁକ୍ତ କନ୍ଦା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପ୍ରାଧ୍ୟାପକ ଡଃ ସାଧନା ରାଉତ, ପ୍ରାଧ୍ୟାପକ ଶ୍ରୀଯୁକ୍ତ ସୁଜିତ କୁମାର ପାତ୍ର ଏବଂ ଏନଏସଏସ ସ୍ୱଚ୍ଛାସେବୀ ମାନଙ୍କ ସହଯୋଗରେ ରକ୍ତଦାନ ଶିବିର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଯାଇଥିଲା । ଅଧ୍ୟାପକ ମାନଙ୍କ ମଧ୍ୟରୁ ଡଃ ଚନ୍ଦ୍ର ଶେଖର ଜେନା, କନ୍ଦା ନାୟକ, ସବ୍ୟସାଚୀ ଅରିନ୍ଦମ ନାୟକ, ଉମେଶ କୁମାର ଜେନା, ବଳରାମ ସିଂ, କିରଣ କୁମାର ସାହୁ, ରକ୍ତଦାନ କରିଥିଲେ ।

ଶିଶୁ ସୁରକ୍ଷା ଲାଗି ସିଡିପିଓଙ୍କୁ ଦାବିପତ୍ର

ଜଳେଶ୍ୱର, ୨୮/୧୦(ନିପ୍ର): ସମାଜରେ ଶିଶୁ ମାନଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସେମାନେ ମାନସିକ ସ୍ତରରେ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ବିଦ୍ୟାଳୟ ହେଉ ବା ପରିବାର ମଧ୍ୟରେ ସ୍ୱାଧିନଭାବେ କାର୍ଯ୍ୟକରିବାର ଅଧିକାର ପାଉନଥିବାରୁ ସେମାନଙ୍କର ଶାରିରୀକ, ମାନସିକ ଉନ୍ନତିରେ ବ୍ୟାଘାତ ସୃଷ୍ଟି ହେଉଛି । ଦେଶରେ ପ୍ରତିଦିନ କିଛିନା କିଛି ଶିଶୁ ନିର୍ଯ୍ୟାତନର ଶୀକାର ହେଉଥିବା ବେଳେ ଶିଶୁ ସୁରକ୍ଷା ଲାଗି ପୋସ୍କଭଳି ଆଇନ୍ ଧର୍ମକୁ ଆଖିଠାର ସଦୃଶ ହୋଇଛି । ଏବେ ଶିଶୁ ଦୁଷ୍କର୍ମ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ଏହାର ନିରାକରଣ ଲାଗି ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର କେତେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସିଡିପିଓ ନିହାରୀକା ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରତ୍ୟେକ ଗ୍ରାମରେ ଶିଶୁ ସୁରକ୍ଷା ସମିତି ଗଠନ କରିବା, ଶିଶୁ ମାନଙ୍କୁ ଗ୍ରାମସଭା ଓ ପଲ୍ଲି ସଭାରେ ଅଂଶ ଗ୍ରହଣ କରିବାଲାଗି ଅନୁମତି ଦେବା, ବିଦ୍ୟାଳୟ ପାଠ୍ୟକ୍ରମରେ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କୀତ ସ୍ଥାନ ପାଇବା, ଜଳେଶ୍ୱର ବ୍ଲକରେ ଚାଇଲ୍ଡଲାଇନ ଶାଖା ସ୍ଥାପନ କରିବା ଲାଗି ସମିକ୍ଷା ଚାନ୍ଦ, ସମ୍ମିତ ଚାନ୍ଦ, ସଂଗିତା ଗିରି, ସସ୍ମିତା ଗିରି, ରସ୍ମିତା ପ୍ରଧାନ, ଦେବଶ୍ରୀ ଗିରି ପ୍ରମୁଖ ବହୁ ଛାତ୍ରଛାତ୍ରୀ ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ବରହମପୁର ଥାନା ଆଗରେ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ନୀଳଗିରି,୨୮/୧୦ (ନି.ପ୍ର): ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଜ୍ୟମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫଦାରୀ ତଥା ସ.ବି.ଆଇ. ତଦନ୍ତ ଦାବୀରେ ଆଜି ନୀଳଗିରି ବିଜେପି ଦଳ ପକ୍ଷରୁ ବରହମପୁର ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମମିତା ମେହେରଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବୀରେ ବିକ୍ଷୋଭ କରାଯିବା ସହ ବରହମପୁର ଥାନା ଘେରାଉ କରାଯାଇଥିଲା । ଥାନା ଘେରାଉ କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ସମରଶଙ୍କର କାନୁନଗୋ, ଅକ୍ଷୟ ବେହେରା, ଦେବାଶିଷ ଆଚାର୍ଯ୍ୟ, ପ୍ରବୀଣ ନାୟକ, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ଜୟନ୍ତ ପୁଟୀ,ଅର୍ଜୁନ ସିଂ ସମେତ ୧୦୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ଉପସ୍ଥିତ ଥିଲେ ।

ବଦଳିଲେ ଜିଲ୍ଲା ଶିକ୍ଷାଧିକାରୀ

ବାରିପଦା,୨୮/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ବଦଳି ହୋଇଛି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକଙ୍କ ମୟୂରଭଞ୍ଜ ଜିଲ୍ଲାରୁ ଗଜପତି ଜିଲ୍ଲାର ନୂତନ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଛି । ସେହିପରି ତାଙ୍କ ସ୍ଥାନରେ ନୂତନ ଭାବେ ଦୋଳିପୁରର ଶିକ୍ଷା ଓ ପ୍ରଶିକ୍ଷଣ ତାଲିମ କେନ୍ଦ୍ରର ପୂର୍ବତନ ଅଧକ୍ଷ ନବକିଶୋର ଗିରିଙ୍କ ମୟୁରଭଞ୍ଜ ଜିଲ୍ଲାର ନୂତନ ଶିକ୍ଷା ଅଧିକାରୀ ଭାବେ ବଦଳି ହୋଇଛି । ସେହିପରି ବାରିପଦା ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ତାଲିମ କେନ୍ଦ୍ରର ପୂର୍ବତନ ଅଧକ୍ଷା ଫୁଲମଣି ମୁର୍ମୁଙ୍କ ନୂଆପଡାର ନୂତନ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ବଦଳି ହୋଇଛି ।

ସାଉଡିରେ ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ବାଲିଆପାଳ,୨୮/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଂଚାୟତର କଠାଳିଆ ଗ୍ରାମରେ ଆଜି ବିଜେପିର ପଂଚାୟତସ୍ତରୀୟ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଦଳୀୟ କର୍ମୀ ଗଦାଧର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର,ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗ ଦେଇ ଆଗାମୀ ପଂଚାୟତ ନିର୍ବାଚନରେ ସାଉଡିରେ ସରପଂଚ,ସମିତି ସଦସ୍ୟ ମାନଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ କାର୍ଯ୍ୟକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ । କେନ୍ଦ୍ରର ବିଭିନ୍ନ ଯୋଜନା ବାବଦରେ ଲୋକଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମିଳନୀରେ ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଶଙ୍କର ପ୍ରଧାନ,ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ସାହୁ,ପଂଚାୟତର ସଭାପତି ଜଗନ୍ନାଥ ଧଳ,ଦଳୀୟ ନେତା ସପନ କୁମାର ସେଠୀ,କାଳିପଦା ମଣ୍ଡଳ ସଭାପତି ସତ୍ୟାନନ୍ଦ ମହାନ୍ତି,ଚିତରଞ୍ଜନ ଜେନା,ଅଦ୍ୱୈତ ବାଗ,ରବୀନ୍ଦ୍ର ଦାସ,ନିରଞ୍ଜନ ଖଟେଇ,ଆଦିକନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକର୍ତାଙ୍କୁ ବକ୍ତବ୍ୟ ପ୍ରଦାନ କରି ଉତ୍ସାହିତ କରିଥିଲେ । ସମ୍ମିଳନୀରେ ଶତାଧିକ କାର୍ଯ୍ୟକର୍ତା ଯୋଗ ଦାନ କରିବା ସହିତ ଅନ୍ୟ ଦଳର କର୍ମୀ ସୁନିଲ ପଟ୍ଟାୟତ ,ଜଗନ୍ନାଥ ମଲ୍ଲିକ,ଦୁଶାସନ ମଲ୍ଲିକସ, ଗୌରୀମୋହନ ପଟ୍ଟାୟତ ,ଅରୁଣ ପଟ୍ଟାୟତ,ଲୋଚନ ପଟ୍ଟାୟତ , ଘନଶ୍ୟାମ ପଟ୍ଟାୟତ,ରାଘବ ମଲ୍ଲିକ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦାନ କରିଥିଲେ । ବରିଷ୍ଠ ନେତା ରଘୁନାଥ ମହାନ୍ତି ନୂତନ ସଦସ୍ୟ ମାନଙ୍କୁ ଗୌରୀକ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ । ପ୍ରଦୀପ ସାମନ୍ତ ,ସୁବାଶ ଚନ୍ଦ୍ର ମଇକାପ,ଅଶୋକ ପଟ୍ଟାୟତ, ବିଶିକେଶନ ପଟ୍ଟାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜଳନିଷ୍କାସନ ଦାବିରେ ଚାଷୀଙ୍କ ଆମରଣ ଅନଶନ ଘଟଣା

ପ୍ରଶାସନର କାର୍ଯ୍ୟାରମ୍ଭ ପରେ ୪ ଦିନର ଅନଶନ ଧର୍ମଘଟ ହଟିଲା

ଜଳେଶ୍ୱର, ୨୮/୧୦(ନିପ୍ର): ରାଜ୍ୟ ରାଜପଥ ୫୭ ପ୍ରସସ୍ତିକରଣ ଯୋଗୁଁ ଚଳିତ ଲଗାଣ ବର୍ଷାରେ ପାଣି ନିଷ୍କାସନରେ ବାଧକ ସାଜିବାରୁ ମାସ ମାସ ଧରି ହଜାର ହଜାର ଏକର ଚାଷଜମି ପାଣି ବୁଡି ନଷ୍ଟ ହୋଇଥିଲା । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନାମ୍ପୋ ଗ୍ରାମର ଚାଷୀମାନେ ବାରମ୍ବାର ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ । ପୂର୍ବ ସୂଚନା ଅନୁଯାୟୀ ଗତ ସୋମବାର ନାମ୍ପୋ ଗ୍ରାମର ବହୁ ଚାଷୀ ନାମ୍ପୋ ଫାଣ୍ଡି ଠାରୁ ନାମ୍ପୋ ବଜାର ପର୍ଯ୍ୟନ୍ତ ନୟନଯୋରୀ ଖୋଳିବା ଦାବିରେ ଜଳେଶ୍ୱରସ୍ଥିତ ସହକାରୀ ନିବାହୀ ଯନ୍ତ୍ରୀଙ୍କ କାଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଧର୍ମଘଟ ଚଳାଇଥିଲେ । ପ୍ରଶାସନ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ସ ବାହାରୁନଥିବାରୁ ପରିସ୍ଥିତି ଜଟିଳ ଅବସ୍ଥା ହୋଇଥିଲା । ୪ଦିନ ପରେ ଆଜି ପ୍ରଶାସନ ଉକ୍ତ ସ୍ଥାନକୁ ଯାଇ ଦାବିମୁତାବକ ନାଳଖୋଳା ଆରମ୍ଭ କରିବାପରେ ଅନଶନ ଧର୍ମଘଟ ହଟିଥିଲା । ଦିନ ୯ଟା ସମୟରେ ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ଆଇଆଇସି ପ୍ରଜ୍ଞା ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅଶୋକ ପଣ୍ଡା, ସହକାରୀ ଯନ୍ତ୍ରୀ ଇଂ ନିହାରକାନ୍ତି ବେହେରା ଓ ୧ ପ୍ଲାଟୁନ ପୋଲିସ୍ ଫୋର୍ସ ସହିତ ନାମ୍ପୋକୁ ଯାଇ ଏକ ଜେସିବି ଦ୍ୱାରା ନୟନଯୋରୀ ଖନନ ଆରମ୍ଭ କରିଥିଲେ । ମଧ୍ୟାହ୍ନରେ ଇଂ ପଣ୍ଡା ଓ ଇଂ ବେହେରା ଏ ସମ୍ପର୍କରେ ଆନ୍ଦୋଳନକାରୀଙ୍କୁ ସୂଚନା ଦେବାପରେ ଆନ୍ଦୋଳନକାରୀ ମାନେ ସେମାନଙ୍କ ଧର୍ମଘଟରୁ ବିରତ ରହିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ନଭେମ୍ବର ୩୦ ଯାଏଁ କରୋନା....

ଉଚିତ ବ୍ୟବହାର ହିଁ ସଂକ୍ରମଣକୁ ରୋକିବାର ୫ ସୂତ୍ରୀ ମନ୍ତ୍ର । ପାର୍ବଣରେ ଯେମିତି ସଂକ୍ରମଣ ନ ବ୍ୟାପିବ, ସେଥିପାଇଁ ପଦକ୍ଷେପ ଜରୁରୀ ବୋଲି ସେ କହିଥିଲେ । ନଭେମ୍ବର ୩୦ ଯାଏ କଣ୍ଟେନମେଣ୍ଟ ମେଜରକୁ ବୃଦ୍ଧି କରାଯାଇଥିବାରୁ ଅନ୍ତର୍ଜାତୀୟ ବିମାନ ସେବା ପୂର୍ବଭଳି ବନ୍ଦ ରହିବ । ସେହିପରି ରାଜ୍ୟ ସରକାରମାନେ ସଂକ୍ରମଣକୁ ଦୃଷ୍ଟିରେ ରଖି କଟକଣା ମଧ୍ୟ ଲାଗୁ କରିପାରିବେ । ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆଉ ୧୬,୧୫୬ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି । ଏହାକୁ ମିଶାଇ ଦେଶରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩,୪୨,୩୧,୮୦୯କୁ ବୃଦ୍ଧି ପାଇଛି । ତେବେ ସକ୍ରିୟ ମାମଲା ୧,୬୦,୯୮୯କୁ ହ୍ରାସ ପାଇଛି । ଏହା ୨୪୩ ଦିନ ମଧ୍ୟରେ ସବୁଠାରୁ କମ । ଏଯାଏ କରୋନା ୪,୫୬,୩୮୬ ଜଣଙ୍କ ଜୀବନ ନେଇଛି । ୨୪ ଘଣ୍ଟାରେ ୭୩୩ ଜଣଙ୍କୁ ମୃତ୍ୟୁ ଘଟିଛି ।

ବହିଷ୍କୃତ କନଷ୍ଟେବଳ ପ୍ରସନ୍ନ କୁମାର....

ଏହା ସମ୍ପ୍ରସାରଣ ବିଲଡିଂ, ଡୁମଡୁମାଠାରେ ଥିବା ସ୍ମାର୍କ ଫର୍ନିଚର ପ୍ରାଇଭେଟ୍ ଲିମିଟେଡ୍, ରାଜଧାନୀର ଲିଙ୍ଗପୁରର ସନ୍ଥବିହାରରେ ଥିବା ଫର୍ନିଚର ୱାର୍କସପ୍, ପାତ୍ରପଡ଼ାଠାରେ ଥିବା ସାଉଥ୍ ସିଟି ବାର୍ ଏବଂ ତାଙ୍କର ଖୋର୍ଦ୍ଧା ଜିଲ୍ଲାର ନୂଆପଡ଼ାରେ ଥିବା ଦୁଇମହଲା ବିଶିଷ୍ଟ ପୈତୃକ ଘରେ ଏହି ଚଢ଼ାଉ ହୋଇଥିଲା । ୨ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ଅଧିକାରୀଙ୍କ ନେତୃତ୍ୱରେ ୫ଟି ଟିମ୍ ଏହି ଭିଜିଲାନ୍ସ ଚଢ଼ାଉ କରାଯାଇଛି । ବହୁଚର୍ଚ୍ଚିତ ମନୀଷ ଅନୁରାଗ ଦାସ ହତ୍ୟା ମାମଲାର ଖିଅ ଖୋଜୁ ଖୋଜୁ ସାଉଥସିଟି ହୋଟେଲରେ ପହଂଚିଥିଲା କମିଶନରେଟ୍ ପୁଲିସ୍ । ବେଆଇନ୍ ଭାବେ ଚାଲୁଥିବା ସାଉଥ୍‌ସିଟି ବାର ର ନାଁ ସାମ୍ନାକୁ ଆସିଥିଲା । ପ୍ରସନ୍ନ ତାଙ୍କ ଭାଇଙ୍କ ନାଁରେ କୋଭିଡ୍ ନିୟମକୁ ଉଲ୍ଲଙ୍ଘନ କରି ବିନା ଲାଇସେନ୍ସରେ ଡ୍ୟାନ୍ସ ବାର୍ ଚାଲାଉଥିଲେ । ଏ ସମ୍ପର୍କରେ ଜଣାପଡ଼ିବା ପରେ ପୁଲିସ ହୋଟେଲ୍ କୁ ସିଲ୍ କରିବା ସହିତ ପ୍ରସନ୍ନଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଗିରଫ କରିଛି ।

ମମିତାଙ୍କ ପରିବାରକୁ ....

ଓ ସୁବର୍ଣ୍ଣପୁରରେ ବନ୍ଦ ପାଳନ ହୋଇଛି । ବିରୋଧୀଙ୍କ ଅଭିଯୋଗ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ କିଶୋ

ବାଲେଶ୍ୱର, ଶୁକ୍ରବାର, ୨୯ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ବାରରେ ହୋଲସେଲ ଦରରେ ମଦ ବିକ୍ରିକୁ ନେଇ ଚର୍ଚ୍ଚା

ବସ୍ତା,୨୮/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକ ଙ୍କ ନିର୍ଦ୍ଦେଶ କ୍ରମେ ବସ୍ତା ଅବକାରୀ ଅଧିକାରୀ କୁଳମଣି ମହାରଣା ଏବଂ ତାଙ୍କର ସହଯୋଗୀ ଙ୍କ ସହ ୬୦ ନମ୍ବର ଜାତୀୟ ରାଜପଥ ର ଗାନ୍ଧି ଛକ ଠାରେ ଥିବା ଏକ ଢ଼ାବା ଏବଂ ରାଜଘାଟ ପୁରୁଣା ଟୋଲଗେଟ ଠାରେ ମଧ୍ୟ ଏକ ଢାବା ଉପରେ ଗତ ବୁଧବାର ରାତିରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ସେମାନେ ନିକଟରୁ ୬ଲିଟର ରୁ ଉର୍ଦ୍ଧ ବିଦେଶୀ ମଦ ଜବତ କରାଯାଇଥିବା ବେଳେ ଦୁଇଜଣ ଢ଼ାବା ମାଲିକ କୁ ଗିରଫ କରିଥିଲେ । ତେବେ ମଦ ବେପାର ଏକ ନିତିଦିନିଆ ବେପାର ରେ ପରିଣତ ହୋଇଥିବା ବେଳେ , ଆସାମୀ ମାନେ ଗିରଫ ହେବା ପରେ ମଧ୍ୟ ବେପାର ଜାରି ରଖୁଥିବା ଦେଖିବାକୁ ମିଳିଛି । ସବୁଠାରୁ ବଡ଼ କଥା ହେଉଛି ବସ୍ତା ଅଞ୍ଚଳ ଛଅ ରୁ ସାତଟି ସରକାରୀ ବିଦେଶୀ ମଦ ଦୋକାନ ସାଙ୍ଗ କୁ ଗୋଟିଏ ଠିପି ଖୋଲା ବିଦେଶୀ ମଦ ଦୋକାନ ରହିଛି । ତତ୍ ସହିତ ରାଜପଥ ଉପରେ ଅନେକ ଢ଼ାବା ଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ବୋତଲ ବିଦେଶୀ ମଦ ଏହି ଢ଼ାବା ମାନଙ୍କ ଦ୍ୱାରା ବିକ୍ରୀ କରାଯାଇଥାଏ । ସରକାରୀ ଦୋକାନ ମାନଙ୍କରେ ଆଖିଦୃଶିଆ ବେପାର ହେଉନଥିବାରୁ ଦୋକାନୀ ମାଲିକ ମାନେ ଲୁଚା ଛପାରେ ନିଜର ଟାର୍ଗେଟ ପୂରଣ କରିବାକୁ କିଛି ଢ଼ାବା ମାଲିକ ମାନଙ୍କୁ ହାତବାରଶି କରି ବେପାର ଚଳାଇ ଆସୁଛନ୍ତି । ତେବେ ଗତକାଲି ବିଳମ୍ବିତ ରାତିରେ ବସ୍ତା ଅବକାରୀ ଦ୍ୱାରା ଗିରଫ ହୋଇଥିବା ଜଣେ ଢାବା ମାଲିକଙ୍କ କହିବା ଅନୁସାରେ ବସ୍ତା ଥାନା ଦରଡା ଠାରେ ନୂତନ ଭାବେ ହୋଇଥିବା ମମତା ହୋଟେଲ (ବାର) ରୁ ଚାରି ମାସ ହେବ ଶତକଡା ପାଞ୍ଚ ପ୍ରତିଶତ କମରେ ମଦ କିଣି ବେପାର କରି ଆସୁଛନ୍ତି । ତେବେ ପ୍ରଶ୍ନ ଉଠୁଛି ସରକାରୀ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ଥିବା ସ୍ଥଳେ , ବାର ମାଲିକ ମାନେ କିପରି ମଦ ବିକ୍ରି କରୁଛନ୍ତି । ତେବେ କ'ଣ ଠିପି ଖୋଲା ଦୋକାନ କୁ ଅନୁମତି ଦେଲେ ସରକାର । ଠିପି ଖୋଲା ବିଦେଶୀ ମଦ ଦୋକାନ ରେ କିପରି ଭାବରେ ହୋଲସେଲ ଦରରେ ବିକ୍ରି ହେଉଛି ମଦ ।

ଦିନିକିଆ ପାରାଦୀପ ଗସ୍ତରେ ଦୁଇ କେନ୍ଦ୍ର ମନ୍ତ୍ରୀ

ପାରାଦୀପ,୨୮/୧୦ (ନି.ପ୍ର):ମାନ୍ୟବର କେନ୍ଦ୍ର କୋଇଲା, ଖଣି ଓ ପାର୍ଲିଆମେଣ୍ଟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ ଏବଂ ରେଳ, କୋଇଲା ଓଖଣି ବିଭାଗର ରାଷ୍ଟ୍ରମନ୍ତ୍ରୀ ରାଓସାହେବ ପାଟିଲ୍ ଡାନଭେ ଗୁରୁବାର ଦିନ ଦିନିକିଆ ପାରାଦୀପ ଗସ୍ତରେ ଆସିଥିଲେ । ଷଣ୍ଢକୁଦ ହେଲିପ୍ୟାଡ୍ ଠାରେ ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହାରାନାଦ୍‌ଙ୍କ ସହିତ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗର ମୁଖ୍ୟ ମାନ୍ୟବର ମନ୍ତ୍ରୀଦ୍ୱୟଙ୍କୁ ସ୍ୱାଗତ କରିଥିଲେ । ସେଠାରୁ ଦୁଇ ମନ୍ତ୍ରୀ ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳ ଯାଇଥିଲେ । ସେଠାରେ ପାରାଦୀପ ବନ୍ଦର ଦ୍ୱାରା କୋଇଲା କାରବାର ସଂପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ ପାରଦୀପ ବନ୍ଦରର ଅଧକ୍ଷ । ପାରାଦୀପ ବନ୍ଦର ଜାହାଜ ଦ୍ୱାରା ୨୫ ଏମ୍.ଏମ୍.ଟି. କୋଇଲା କାରବାର କରୁଥିବା ବେଳେ ୬୦ ଏମ୍.ଏମ୍.ଟି. ଥର୍ମାଲ୍ କୋଲ୍ ପରିବହନ କରୁଛି । ବନ୍ଦରର ଇକ୍ୟୁ ବର୍ଥ ଆସନ୍ତା ନଭେମ୍ବର ମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବ । ଏହି ବର୍ଥ ସଂପୂର୍ଣ୍ଣ ଯାନ୍ତ୍ରୀକ ପଦ୍ଧତିରେ କାର୍ଯ୍ୟ କରିବ । ଏହା କାର୍ଯ୍ୟକାରୀ ହେଲେ ୩୦ ଏମ୍.ଏମ୍.ଟି. ପଣ୍ୟ କାରବାର ହେବ । ଏହା ପରେ ମାନ୍ୟବର ମନ୍ତ୍ରୀ ଦ୍ୱୟ ପାରାଦୀପର ଯାନ୍ତ୍ରୀକ କୋଇଲା ବୋଝେଇ ପ୍ଲାଣ୍ଟର କାର୍ଯ୍ୟ ବୁଲି ଦେଖିଥିଲେ । ମାନ୍ୟବର ମନ୍ତ୍ରୀ ପାରାଦୀପ ବନ୍ଦରର ଅଧକ୍ଷ ଓ ପାରାଦୀପ ବନ୍ଦରର ଅଧିକାରୀ, କର୍ମଚାରୀମାନଙ୍କୁ ଏହିଭଳି ସୁନ୍ଦର କାର୍ଯ୍ୟ ନିମନ୍ତେ ଅଭିନନ୍ଦନ ଜଣାଇଥିଲେ । ପାରାଦୀପ ବନ୍ଦରରେ କୋଇଲା ପରିବହନର କାର୍ଯ୍ୟ ଦେଖି ମାନ୍ୟବର ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ।

ଯୁଗଶ୍ରୀ ଯୁଗନାରୀ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର

ବାଲେଶ୍ୱର,୨୮/୧୦ (ନି.ପ୍ର): ମାସିକ ଓଡ଼ିଆ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ' ପରିବାର ପକ୍ଷରୁ ମହିଳାମାନଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅଙ୍ଗାରଗଡ଼ିଆ ଚୂଡ଼ାକୁଟା ସାହିରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପତ୍ରିକାର ସମ୍ପାଦିକା ସମ୍ପାଦିକା ସମାଜସେବୀ ମମତା ମହାପାତ୍ର ଏଥିରେ ସଭାପତିତ୍ୱ କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ସାଧାରଣ ମହିଳାମାନେ ଭୋଗୁଥିବା ବିଭିନ୍ନ ରୋଗ ସମ୍ପର୍କରେ ସୂଚନା ଦେଇଥିଲେ । ଡାକ୍ତର ମୀରା ପତି ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ । ସମାଜସେବୀ ଚିତ୍ତରଞ୍ଜନ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ସଚେତନତା ଶିବିରରେ ଶତାଧିକ ମହିଳା ଯୋଗ ଦେଇ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ସ୍ୱାସ୍ଥ୍ୟଗତ ସମସ୍ୟା ଗୁଡ଼ିକର ନିରାକରଣ ପଚାରି ବୁଝିଥିଲେ । ଏହି ଶିବିରକୁ ସମାଜସେବୀ ଜୟନ୍ତୀ ରାୟ, ଶିବାନୀ ମହନ୍ତ ଓ ବସନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସୁଶ୍ରୀ ଗୀତାଞ୍ଜଳି ସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ପଦ୍ମଶ୍ରୀ ଏସ.ଏନ୍. ସୁବାରାଓଙ୍କ ସ୍ମୃତିସଭା

ଭଦ୍ରକ,୨୮/୧୦ (ନି.ପ୍ର): ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ପଦ୍ମଶ୍ରୀ ଡ. ଏସ୍.ଏନ୍. ସୁବାରାଓ ଭଦ୍ରକକୁ ୨ ଥର ଆସିଥିଲେ । ୧୯୫୪ ମସିହାରେ ଏକ ଶିବିର ଆୟୋଜନ କରିଥିଲା ବେଳେ, ୨୦୧୭ ମସିହାରେ ସାମ୍ପ୍ରଦାୟିକ ଆଶାନ୍ତି ସମୟରେ ଭଦ୍ରକରେ ଉପନୀତ ହୋଇ ମହେନ୍ଦ୍ର ଭବନ ପରିସର ଓ ମଲ୍ଲିକ ମୈଦାନରେ ସାଧାରଣ ସଭା କରିବା ସଂଗେ ସଂଗେ ଉଭୟ ସଂପ୍ରଦାୟର ବିଭିନ୍ନ ଲୋକଙ୍କ ସହ ସମ୍ପର୍କ କରି ସାଂପ୍ରଦାୟିକ ଉତ୍ତେଜନାକୁ ପ୍ରଶମିତ କରିବାକୁ ଚେଷ୍ଟା କରିଥିଲେ ବୋଲି ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଆୟଜିତ ଏସ୍.ଏନ୍. ସୁବାରାଓଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଛି । ପ୍ରତିଷ୍ଠାନର ସଭାପତି ଅଖିଳ କୁମାର ପାଢୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ତୁଷାରକାନ୍ତି ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବକ୍ତା ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ କୁମାର ନାୟକ, ପ୍ରାଧାପିକା ଝରଣା ପଟ୍ଟନାୟକ, ଗାନ୍ଧି ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଗାନ୍ଧି ବିଚାର ମଞ୍ଚର ସମ୍ପାଦକ ଶାନ୍ତନୁ ରାଉତ, ଅଧିବକ୍ତା ପବନ ଶର୍ମା, ସମାଜସେବୀ ସୀତାକାନ୍ତ ଦାସ, ବୈଲୋଚନ ବେହୁରିଆ, ସୁଧାକର ରାଉତ, ପ୍ରକାଶଜ୍ୟୋତି ମହାକୁଡ଼, ଲକ୍ଷ୍ମୀକାନ୍ତ ବାରିକ, ଏସ୍.ଏମ. ଫାରୁକ୍, ହରିପ୍ରସାଦ ନନ୍ଦୀ, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ସୁବା ରାଓଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଧର ବାରିକ, ଅର୍ଚ୍ଚିସ୍ମାନ ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ ।

ଭୁବନେଶ୍ୱରରୁ ୧୬୮ ପଜିଟିଭ୍

ଭୁବନେଶ୍ୱର,୨୮/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଗୁରୁବାର ଦିନ ଆଉ ୧୬୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୪୩ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨୫ ଜଣ ଲୋକାଲ ମାମଲା ରହିଛନ୍ତି । ସେହିପରି ଗତ ୨୪ ଘଂଟାରେ ଆଉ ୨୫୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧୭୯୩୪ରେ ପହଂଚିଛି ।

ପ୍ରାକ୍ ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ ପାଇଁ ଯୋଗଦେବେ ୮ ସ୍ୱେଚ୍ଛାସେବୀ

ବାରିପଦା,୨୮/୧୦ (ନି.ପ୍ର): ଆସାମ କୋକରାଝର ଠାରେ ୨୫ ରୁ ଆରମ୍ଭ ହେଉଥିବା ପ୍ରାକ୍ ସାଧାରଣତନ୍ତ୍ର ଦିବସ ପ୍ୟାରେଡ ଚୟନ ଶିବିରରେ ସ୍ଥାନୀୟ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ୮ ଜଣ ସ୍ୱେଚ୍ଛାସେବୀ ଯୋଗ ଦେବେ । ଓଡ଼ିଶାରୁ ମୋଟ ୫୪ ଜଣ ସ୍ୱେଚ୍ଛାସେବୀ ମଧ୍ୟରୁ ମୟୂରଭଞ୍ଜରୁ ୫ , କେଉଁଝରରୁ ୩ ଜଣ ମନୋନୀତ ହୋଇଛନ୍ତି । ସ୍ୱେଚ୍ଛାସେବୀ ମାନଙ୍କୁ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ଉଦବୋଧନ ଦେଇ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଓଡ଼ିଶାର ନାମ ଉଜ୍ଜଳ କରିବା ସହ ବିଶ୍ୱ ବିଦ୍ୟାଳୟର ମାନ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଛନ୍ତି । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ସ୍ମୃତିରଞ୍ଜନ ଦାସ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ସ୍ୱେଚ୍ଛାସେବୀ ତାଲିକାରେ ସୁସ୍ମିତା ରାୟ ଶ୍ରୀମା ମହିଳା ମହାବିଦ୍ୟାଳୟ, ଇପସିତା ଘୋଷ ଏମ୍ .ସି .ଏମ କଲେଜ, ଦୀପଶିଖା ବିନ୍ଧାଣୀ ବାରିପଦା ଡିଗ୍ରୀ କଲେଜ, ଅର୍ଚ୍ଚିତା ପଣ୍ଡା କେ .ଏ .ଏମ୍ ରେକୁର୍ଟିଆ, କେଉଁଝର, ରବୀନ୍ଦ୍ର ମହନ୍ତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ, ସନ୍ଦୀପ କୁମାର୍ ବାରିକ ଲକ୍ଷ୍ମୀକାନ୍ତ ଡିଗ୍ରୀ ମହାବିଦ୍ୟାଳୟ, ବିଦ୍ୟାଧର ମହନ୍ତ ପି .ଏସ ମହାବିଦ୍ୟାଳୟ, ଝୁମ୍ପରା, ଚିରଞ୍ଜିବ ନାପିତ ଡି .ଡି ଅଟୋ କଲେଜ ପ୍ରମୁଖଙ୍କ ନାମ ଥିବା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡ଼ଃ ଶୁଭେନ୍ଦୁ ଦାସଙ୍କ ଠାରୁ ପ୍ରକାଶ ।

ପ୍ରଭା ପଟେଲ ସମ୍ମାନ ପାଇବେ ଡକ୍ଟର ନାରାୟଣ ମହାନ୍ତି

କଟକ,୨୮/୧୦ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ ଡକ୍ଟର ନାରାୟଣ ମହାନ୍ତି ଚଳିତ ବର୍ଷ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି । ଆସନ୍ତା ୩୧ ତାରିଖ ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଉତ୍କଳ ସାହିତ୍ୟ ସମାଜର ୧୧୯ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଡକ୍ଟର ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ୨୦୦୪ ମସିହାଠାରୁ ଡକ୍ଟର ମହାନ୍ତିଙ୍କ ଲିଖିତ ରମ୍ୟରଚନାଗୁଡ଼ିକ ବିଭିନ୍ନ ଦୈନିକ ସମ୍ବାଦପତ୍ର ତଥା ମାସିକ ଓ ସାପ୍ତାହିକ ପତ୍ରପତ୍ରିକାର ପୃଷ୍ଠା ମଣ୍ଡନ କରିଆସୁଛି । ତାଙ୍କର ୪୫ଟି ସୁନିର୍ବାଚିତ ରମ୍ୟରଚନାକୁ ନେଇ ଏକ ସଂକଳନ 'ମହାମନ୍ତ୍ରୀ ଉବାଚ' ଚଳିତବର୍ଷ ପ୍ରକାଶିତ ହୋଇଛି । କଟକ ଜେକେବିକେ ସରକାରୀ କଲେଜର ତର୍କ ଓ ଦର୍ଶନ ବିଭାଗର ପ୍ରାଧାପକ ତଥା ମୁଖ୍ୟ ଭାବେ ୨୦୧୪ ଫେବ୍ରୁଆରିରେ ଅବସର ନେଇଥିବା ଡକ୍ଟର ମହାନ୍ତି ମର୍କତନଗର (ସିଡିଏ) ବାସଭବନରେ ଅବସ୍ଥାନ କରୁଛନ୍ତି ।

୧ହଜାର ଲିଟର ଚୋରା ଦେଶୀ ମଦ ଜବତ୍ : ୨ ଗିରଫ

ଜଳେଶ୍ୱର, ୨୮/୧୦(ନିପ୍ର): ଚୋରା ନିଶାବ୍ୟବସାୟୀଙ୍କ ଭୂସ୍ୱର୍ଗ ପାଲଟିଥିବା ବାଲେଶ୍ୱର ଜିଲାର ଜଳେଶ୍ୱରରେ ଯେତେ ଚଢାଉ କରାଯାଉଥିଲେ ମଧ୍ୟ ତାହା କମିବାରେ ନାମ ଧରୁନାହିଁ । ଆଜି ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚାଲନ୍ତି ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ମାରୁତି ସୁଜୁକି ୱାଗନାର (ଓଆର୍-୦୨କେ-୧୦୦୫)କୁ ଅଟକାଇ ତଲାସିବା ପରେ ସେଥିରୁ୧୦୦୦ ଲିଟର ଦେଶୀ ମହୁଲି ମଦ ଜବତ୍ କରାଯାଇଛି । ଏହା ପଶ୍ଚିମବଂଗର ନୟାଗ୍ରାମଅଂଚଳରୁ ଆସିଥିବା ଜଣାଯାଇଛି । ଗାଡି ଡ୍ରାଇଭର ରୂପ୍‌ସା ଥାନା ଅନ୍ତର୍ଗତ ରାଉତପଡା ଅଂଚଳର ଶତ୍ରୁଘ୍ନ ବାରିକ୍ (୨୪)ହୋଇଥିବା ବେଳେ ଅନ୍ୟଜଣେ ସେହିଗ୍ରାମର ରାଜେନ୍ଦ୍ର ବାଡି (୨୯) ବୋଲି ଜଣାଯାଇଛି । ଏହି ଚଢାଉରେ ଅବକାରୀ ସଦର ଆଇଆଇସି ପ୍ରବୀଣ କୁମାର ପ୍ରଧାନ, ମୋବାଇଲ ସ୍କାର୍ଡ ଆଇଆଇସି ଗାଲୁରାମ ସରେନ୍, ଜଳେଶ୍ୱର ଓଆଇସି ଦେବେନ୍ଦ୍ର ବେହେରା, ଏଏସ୍‌ଆଇ ଅଂଜନ କୁମାର ଜେନା, ଜୟମାଧବ ଦାସ ପଟ୍ଟନାୟକ, ରାମଚନ୍ଦ୍ର ମହାନ୍ତି, ବିଦ୍ୟାଧର ବିନ୍ଧାଣି, ଜଗା ଜେନା, କୁମୁଦିନୀ ସୋ ପ୍ରମୁଖ ସାମିଲ ଥିଲେ ।

ଅସିତ୍ ତ୍ରିପାଠୀଙ୍କ ଦୁଇ ଦିନିଆ ପାରାଦୀପ ଗସ୍ତ

ପାରାଦୀପ,୨୮/୧୦ (ନି.ପ୍ର): ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ ତ୍ରିପାଠୀ ବୁଧବାର ଓ ଗୁରୁବାର ଦୁଇ ଦିନିଆ ପାରାଦୀପ ଗସ୍ତରେ ଆସିଥିଲେ । ପାରଦୀପରେ ଦୁଇ ଦିନ ରହଣି କାଳରେ ପାରାଦୀପରେ ଶିଳ୍ପର ଯତ୍ନ ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ । ଏହି ଗସ୍ତ ଶେଷରେ ଗୁରୁବାର ଅପରାହ୍ନରେ ପାରଦୀପ ଅଫିସର୍ସ କ୍ଲବ୍ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ ଶ୍ରୀ ତ୍ରିପାଠୀ । ପାରାଦୀପ ବନ୍ଦର, ଇଫକୋ, ଏସାର,ତ୍ରିବେଣୀ,ଆଇଓସିଏଲ୍ ଭଳି ସଂସ୍ଥାମାନେ ସେମାନଙ୍କର ଶିଳ୍ପର ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି । ଏଥି ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ସେ ଅନୁଧ୍ୟାନ କରିବା ସହ ଆବଶ୍ୟକତା ସଂପର୍କରେ ତ୍ୱରିତ ପଦକ୍ଷେପ ନେବାକୁ ସେ ସରକାରୀ ସ୍ତରରେ ଉଦ୍ୟମ କରିବେ ବୋଲି କହିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଶିଳ୍ପର ଭିତ୍ତିଭୂମିର ସମୀକ୍ଷା କରିବାକୁ ସେ ଆସିଥିବା କରିଥିଲେ । ରାଜ୍ୟରେ ଶିଳ୍ପର ବିକାଶ ପାଇଁ ସରକାର ସବୁ ପ୍ରକାର ସହଯୋଗ କରିବାକୁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ । ରେଳ, ରାସ୍ତା ଓ ପାଇପ୍‌ଲାଇନ୍ ଯୋଗେ ପଣ୍ୟ କିପରି ଶିଳ୍ପସଂସ୍ଥା ନିକଟରେ ପହଂଚିବ ତାକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ଶିଳ୍ପ ନିର୍ଦ୍ଦେଶକ ସିଦ୍ଦିକ୍ ଆଲାମ୍, ଇଡକଲ୍ ର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦ୍ର ସିଂ ପୂନିଆ, ଏମ୍.ଏସ୍.ଏମ୍.ଇ. ର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ,ଶିଳ୍ପ ବିଭାଗର ପ୍ରମୁଖ ସଚୀବ ହେମନ୍ତ କୁମାର ଶର୍ମାଙ୍କ ସମେତ ଜଗତସିଂହପୁର ଜିଲ୍ଲାପାଳ ପାରୁଲ୍ ପଟଓାରୀ ଯୋଗ ଦେଇଥିଲେ ।

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥ ପାଠ

ଉଦଳା,୨୮/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ନିତୀ ନିବାରଣ ସପ୍ତାହ- ୨୦୨୧ ପାଳନ ଅବସରରେ କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଠାରେ ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ଅଧକ୍ଷତାରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସହକାରୀ ଜିଲ୍ଲାପାଳ ପ୍ରଭାତ କୁମାର ମହାପାତ୍ର, ସହକାରୀ ଯୋଗାଣ ଅଧିକାରୀ କମଳାକାନ୍ତ ବେହେରାଙ୍କ ସମେତ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ଏହି ଉତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ପରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରକାଶ ଥାଉକି ପ୍ରତିବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନିତୀ ନିବାରଣ ସପ୍ତାହ ଭାବରେ ପାଳିତ ହୋଇଥାଏ ।

ଡଗରା ଗୁମୁଟିଛକରେ ବନ୍ଦର କର୍ତ୍ତୃପକ୍ଷଙ୍କୁ ବିରୋଧ

ଶଙ୍ଖଧ୍ୱନି କରି ଫେରାଇଦେଲେ ହଜାର ହଜାର ଜନସାଧାରଣ

ବାଲିଆପାଳ,୨୮/୧୦ (ନି.ପ୍ର): ବାଲିଆପାଳର ଚୌମୁଖଠାରେ ପ୍ରସ୍ତାପିତ ସୁବର୍ଣ୍ଣରେଖା ବନ୍ଦରକୁ ନେଇ ଲୋକଙ୍କ ବିରୋଧ ଜାରି ରହିଛି ।୧୫ ବର୍ଷ ତଳେ ଚେନ୍ନାଇ ର କ୍ରିଏଟିଭ ପୋର୍ଟ ଡେଭଲପମେଣ୍ଟ ଲିମିଟେଡ ସୁବର୍ଣ୍ଣରେଖା ମୁହାଁଣ ଚୌମୁଖ ଠାରେ ଏହି ବନ୍ଦର ପାଇଁ ଏମଓୟୁ ସସ୍ୱାକ୍ଷର କରିଥିଲେ ।ଇତି ମଧ୍ୟରେ ୧୫ ବର୍ଷ ବିତିଯାଇଥିଲେ ମଧ୍ୟ ବନ୍ଦର ପାଇଁ ଖଣ୍ଡିଏ ବି ଇଙ୍କା ପଡିନାହିଁ ।